بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ସଂଖ୍ୟା: 04-05

ବାର୍ଷିକ ଦେୟ : 600/-

22-29 ରଜବ୍ 1446 ହି.କ, 23-30 ସୁଲହ୍ 1404 ହି.ଶ, 23-30 Jan 2025 ମସିହା

www.akhbarbadr.in

## ଅଲ୍ଲାଃତାଲାଙ୍କ ବାଣୀ

رَبَّنَاۤ اِنَّکَ مَنۡ تُدۡخِلِ النَّارَ فَقَدۡ اَخۡزَیۡتَہٗ ؕ وَمَا لِلظّٰلِمِیۡنَ مِنۡ اَنۡصَارٍ ○

(ଆଲେ ଇମ୍ରାନ୍: 193)

ଅନୁବାଦ: ହେ ଆମମାନଙ୍କର ପାଳନକର୍ତ୍ତା ! ତୁମ୍ଭେ ଯାହାକୁ ନର୍କାଗ୍ନୀରେ ପ୍ରବେଶ କରାଅ ନିଶ୍ଚୟ ତୁମ୍ଭ ତାହାକୁ ଅପମାନିତ କରିଅଛ ଏବଂ ଅତ୍ୟାଚାରୀମାନଙ୍କର କେହି ସାହାଯ୍ୟକାରୀ ନାହାନ୍ତି ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ ସ.ଅଙ୍କ ବାଣୀ

**ଈର୍ଷାରୁ ବର୍ତ୍ତିବାକୁ ଚେଷ୍ଟା କର । କାରଣ ଏହି ମନ୍ଦ କର୍ମ ପୂର୍ବପୁରୁଷମାନଙ୍କର ଧ୍ୱଂସ ଓ କ୍ଷତି ସାଧନ କରିଥିଲା ।**

(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍)

**ଯେଉଁ ବ୍ୟକ୍ତି ନିଜର ଆତ୍ମ ସମୀକ୍ଷା କରେ ଏବଂ ମୃତ୍ୟୁ ପରବର୍ତ୍ତୀକାଳୀନ ଜୀବନ ନିମନ୍ତେ କାର୍ଯ୍ୟାନୁସରଣ ଅର୍ଥାତ୍ ସତକର୍ମ କରେ ତେବେ ସେହି ବ୍ୟକ୍ତି ହେଉଛି ବୁଦ୍ଧିମାନ ବ୍ୟକ୍ତି ।**

(ଯାମେ ତିର୍ମିଜି, କିତାବୁଲ୍ ଜୁହୋଦ୍)

**ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସକାଶେ ମସଜିଦ୍ ନିର୍ମାଣ କରିଥାଏ ଅଲ୍ଲାଃତାଲା ମଧ୍ୟ ସେହି ବ୍ୟକ୍ତି ନିମନ୍ତେ ବୈକୁଣ୍ଠ ପୁରରେ ମସଜିଦ୍ ପରି ଏକ ଗୃହ ନିର୍ମାଣ କରିଥାଆନ୍ତି ।**

(ମୁସଲିମ୍ ବାବ୍ ଫଜଲୁ ବିନାଅଲ୍ ମସଜିଦି)

**ମୋର ଏହି ଧର୍ମମତ ରହିଛି ଯେ, ସାହାବାମାନଙ୍କର ପବିତ୍ର ଆଦର୍ଶ ଏବଂ ପବିତ୍ର ଉଦାହରଣ ଯେଭଳି ଲୋକମାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ସେଭଳି ପ୍ରଭାବ ଚମତ୍କାର କରିପାରି ନଥିଲା । ଅର୍ଥାତ୍ ପ୍ରଭାବ ପକାଇ ପାରି ନଥିଲା ।**

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ରସୁଲୁଲ୍ଲାଃ ସ.ଅ ହସ୍ତରେ (ସମ୍ମୁଖରେ) ବଡ଼ ବଡ଼ ଉପଦ୍ରବୀ, ଖଳ ପ୍ରକୃତିର ଲୋକମାନେ ଆସି ଅନୁତପ୍ତ ତଥା କ୍ଷମାଯାଚନା କରିଥିଲେ । ତାହାର କାରଣ କ'ଣ ?**

**ସାହାବାମାନଙ୍କ ମଧ୍ୟରେ ଯେଉଁ ଅଭୁତପୂର୍ବ ତଥା ଏହି ମହାନ ପରିବର୍ତ୍ତନ ସୃଷ୍ଟି ହୋଇଥିଲା ଏବଂ ସେମାନଙ୍କର ଅନିର୍ବାର୍ଯ୍ୟମୂଳକ ଉଦାହରଣ ଓ ଆଦର୍ଶ ହିଁ ସେମାନଙ୍କୁ ଲଜ୍ଜିତ କରିଥିଲା ।**

ଏହା ଏକ ସୁନିଶ୍ଚିତ ଏବଂ ଅନିର୍ବାର୍ଯ୍ୟମୂଳକ ପ୍ରସଙ୍ଗ ଯେ, ଯଦି କୌଣସି ବ୍ୟକ୍ତି ନିଜ ମନ ମଧ୍ୟରେ ମାନବ ଜାତି ପ୍ରତି ସ୍ନେହ ଓ ସହାନୁଭୂତିର ଉତ୍ସାହ ପୋଷଣ କରେ ନାହିଁ ତେବେ ସେହି ବ୍ୟକ୍ତି କୃପଣ ବ୍ୟକ୍ତି ଅଟେ । ଆପଣ ଅ.ସ କହିଲେ, ମୁଁ ଯଦି ଏକ ମାର୍ଗ ଦେଖେ ଯହିଁରେ ପୁଣ୍ୟ ଏବଂ ଲାଭ ରହିଛି ତେବେ ମୋର ଏହି କର୍ତ୍ତବ୍ୟ ରହିଛି ଯେ, ମୁଁ ଡାକି ଡାକି ଲୋକମାନଙ୍କୁ ଉକ୍ତ ପୁଣ୍ୟ ଏବଂ ଲାଭ ସଂପର୍କରେ ଅବଗତ କରିବି । ମୁଁ ଏଥିନିମନ୍ତେ ଭୃକ୍ଷେପ କରିବି ନାହିଁ ଯେ, କୌଣସି ବ୍ୟକ୍ତି ଉକ୍ତ ପୁଣ୍ୟ ଏବଂ ଲାଭ ଉପରେ କାର୍ଯ୍ୟାନୁସରଣ କଲା ଅବା ନୁହେଁ । ଏଥି ସଂକ୍ରାନ୍ତରେ ଏକ ଫାର୍ସି (ପାର୍ସି) କବିତା ମଧ୍ୟ ରହିଛି ଯଥା:-

کس بشنود یا نشنود من گفتگوئے می کنم

ଯଦି ଜଣେ ବ୍ୟକ୍ତି ବି ଜୀବନ୍ତ ସ୍ୱଭାବର (ପୁଣ୍ୟବାନ୍) ବାହାରି ଆସେ ତେବେ ତାହା ଯଥେଷ୍ଟ ଅଟେ । ମୁଁ ଉକ୍ତ କଥାକୁ ଖୋଲି (ସ୍ୱଷ୍ଟ ଭାବରେ) ବର୍ଣ୍ଣନା କରି ଦେଉଛି ଯେ, ମୋ ଅବସ୍ଥାନୁଯାୟୀ ଉକ୍ତ କଥା ନୁହେଁ ଯେ, ମୁଁ ଆପଣମାନଙ୍କୁ ଯାହା କହୁଛି ତାହା ମୁଁ ପୁଣ୍ୟ ପ୍ରାପ୍ତିର ଉଦ୍ଦେଶ୍ୟ ତଥା ଆଶା ରଖି କହୁଛି । ତାହା ନୁହେଁ। ବରଂ ମୁଁ ନିଜର ଅନ୍ତର୍ମାରେ ଅତ୍ୟନ୍ତ ଉତ୍ସାହ୍ ଓ ବ୍ୟଥା ପୋଷଣ କରେ। ଅର୍ଥାତ୍ ସେହି କାରଣଗୁଡ଼ିକ ଅଜ୍ଞାତ ଅଟନ୍ତି । ଅତଏବ୍ ମନରେ ଅନ୍ୟମାନଙ୍କ ପ୍ରତି କାହିଁକି ଉକ୍ତ ଉତ୍ସାହ ରହିଛି । କିନ୍ତୁ ତହିଁରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ଉକ୍ତ ଉତ୍ସାହ ଏପରି ଯେପରିକି ମୁଁ ତହିଁରୁ ଅଟକି ପାରିବି ନାହିଁ । ଅତଏବ୍ ଆପଣମାନେ ଏହିସବୁ କଥାକୁ ଏପରି ଲୋକମାନଙ୍କର ଓସିୟତ୍ (ମହୋପଦେଶ) ମନେକରି ଉକ୍ତ କଥା ଉପରେ କାର୍ଯ୍ୟାନୁସରଣ କରନ୍ତୁ । କାରଣ ଏହି ଉପଦେଶକୁ ଯଦି ପରିତ୍ୟାଗ କରିଦିଯାଏ ତେବେ ଏହା ଆଉ ପୁନଃ ପ୍ରାପ୍ତ ହେବ ନାହିଁ । ଆପଣମାନେ ମୋର ଉପଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ମୋରେ ଉପଦେଶାବଳୀ ଆପଣମାନଙ୍କ ନିମନ୍ତେ ଆଦର୍ଶ ସାବ୍ୟସ୍ତ ହୋଇଯିବ । ଏହି ଉପଦେଶବଳୀକୁ କାର୍ଯ୍ୟକାରୀ କରାଇ ଆପଣମାନେ ଆଦର୍ଶବାନ୍ ବ୍ୟକ୍ତି ହୋଇଯିବେ ଏବଂ ମୋର ଉକ୍ତ ଉପଦେଶକୁ ଆପଣମାନେ ନିଜର କଥନ ଓ କରଣ (ଆଚରଣ ଓ ଉଚ୍ଚାରଣ) ମାଧ୍ୟମରେ ସେହି ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେବେ ଯେଉଁମାନେ ମୋ ଠାରୁ ଦୂରରେ ଅଛନ୍ତି। ଯଦି ଏହିପରି କଥା ନୁହଁ ଏବଂ ଏହିପରି କର୍ମର ଅର୍ଥାତ୍ କାର୍ଯ୍ୟାନସରଣର ଆବଶ୍ୟକତା ଯଦି ନାହିଁ ତେବେ ତୁମେମାନେ ମୋତେ କୁହ ଯେ, ଏଠାକୁ ଆସିବାର କ'ଣ ଅର୍ଥ ରହିଛି ? ମୁଁ ଲୁକ୍କାୟିତ ପରିବର୍ତ୍ତନ ଚାହୁଁ ନାହିଁ । ତେଣୁ ସ୍ୱଷ୍ଟ ପରିବର୍ତ୍ତନ ଏକାନ୍ତ ମୋର କାମ୍ୟ । କାରଣ ବିରୋଧୀମାନେ ଅନୁତପ୍ତ ଓ ଲଜ୍ଜିତ ହୁଅନ୍ତୁ ଏବଂ ଲୋକମାନଙ୍କ ମନରେ ଏକ ପାକ୍ଷିକ ଆଲୋକପାତ ହେଉ । ଯେଉଁ ବିରୋଧୀମାନେ

ବିରୋଧ ପ୍ରଦର୍ଶନ କରୁଛନ୍ତି ଏବଂ ମାର୍ଗଭ୍ରଷ୍ଟ ହୋଇଯାଇଛନ୍ତି ସେମାନେ ନିରାଶ ହୋଇଯାଆନ୍ତୁ । ବଡ଼ ବଡ଼ ଉପଦ୍ରବୀ ଏବଂ ଖଳ ପ୍ରକୃତିର ଲୋକମାନେ ଆଁହଜରତ ସ.ଅଙ୍କ ହସ୍ତରେ ଅର୍ଥାତ୍ ଆଁହଜରତ ସ.ଅଙ୍କ ନିକଟରେ କ୍ଷମାଯାଚନା କରି କ୍ଷମାପ୍ରାର୍ଥୀ ହେଲେ କାହିଁକି ? ସାହାବାମାନଙ୍କ ମଧ୍ୟରେ ଯେଉଁ ମହାନ ପରିବର୍ତ୍ତନ ହୋଇଥିଲା ତାହା ସେମାନଙ୍କର ଅନିର୍ବାର୍ଯ୍ୟ କରଣୀୟ ଆଦର୍ଶ ହିଁ ସେମାନଙ୍କୁ ଲଜ୍ଜିତ କରିଥିଲା । ଏହି ଲଜ୍ଜା ଯୋଗୁଁ ସେମାନେ ଆଁହଜରତ ସ.ଅଙ୍କ ନିକଟରେ କ୍ଷମାଯାଚନା କରିଥିଲେ ଏବଂ ନିଜର କୃତ୍ୟ ଯୋଗୁଁ ସେମାନେ ଲଜ୍ଜିତ ଓ ଅନୁତପ୍ତ ହୋଇଥିଲେ।

**ଇକ୍ରମାର ପବିତ୍ର ଉଦାହରଣ:-**

ଇକ୍ରମାର ଅବସ୍ଥା ସଂପର୍କରେ ଆପଣମାନେ ସମସ୍ତ ଜାଣିଥିବେ । ଓହୋଦ୍ ଯୁଦ୍ଧର ଏବଂ ଓହୋଦ୍‌ର ବିପତ୍ତିର ମୂଳ କାରଣ ଏହି ଇକ୍ରମା ଓ ତା'ର ପିତା ଅବୁ ଜହଲ୍ ହିଁ ଥିଲା । କିନ୍ତୁ ପରିଶେଷରେ ତା'କୁ ସାହାବାମାନଙ୍କର ଉତ୍ତମ ଆଚରଣ ଏବଂ ସାହବାମାନଙ୍କର ଆଦର୍ଶ ଲଜ୍ଜିତ କରି ଦେଇଥିଲା । ମୋର ଏହି ଧର୍ମମତ ରହିଛି ଯେ, ସାହାବାମାନଙ୍କର ପବିତ୍ର ଉଦାହରଣ ଏବଂ ଆଦର୍ଶ ଯେଭଳି ଭାବରେ ପରିବର୍ତ୍ତନ ସୃଷ୍ଟି କରି ଲୋକମାନଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଥିଲା ଠିକ୍ ସେହିଭଳି ପରିବର୍ତ୍ତନ ଚମତ୍କାର ସୃଷ୍ଟି କରିପାରି ନଥିଲା । ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇଗଲେ ଯେ, ଆମମାନଙ୍କର ଚତା କେଉଁଠି ଥିଲା ଓ କେଉଁଠି ଆସି ପହଞ୍ଚିଗଲା ? ପରିଶେଷରେ ସେମାନେ ନିଜକୁ ପ୍ରତାଡ଼ିତ ହେବାର ପାଇଲେ । ଇକ୍ରମା ଦୀର୍ଘ କାଳ ପର୍ଯ୍ୟନ୍ତ ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ଉପରେ ଆକ୍ରମଣ କଲା । କିନ୍ତୁ ଅପରମୁହୂର୍ତ୍ତରେ ସେ ଅବିଶ୍ୱାସକାରୀଙ୍କର ସୈନ୍ୟବାହିନୀକୁ କ୍ଷିପ୍ତ ବିକ୍ଷିପ୍ତ କରିଦେଲା (ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ଇକ୍ରମା ଅବିଶ୍ୱାସକାରୀଙ୍କ ସୈନ୍ୟବାହିନୀଙ୍କୁ କ୍ଷିପ୍ତ ବିକ୍ଷିପ୍ତ କରିଦେଲେ)। ଅତଏବ୍ ଆଁହଜରତ ସ.ଅଙ୍କ କାଳରେ ସାହାବାମାନେ ଯେଉଁ ପବିତ୍ର ଉଦାହରଣ ପ୍ରଦର୍ଶନ କରିଛନ୍ତି ଆମେମାନେ ଆଜି ଗର୍ବର ସହିତ ସେମାନଙ୍କୁ ପ୍ରାମାଣ୍ୟ ଏବଂ ନିଦର୍ଶନ ସ୍ୱରୂପ ଉପସ୍ଥାପିତ କରି ପାରିଛେ । ସୁତରାଂ ଇକ୍ରମାର ହିଁ ଉଦାହରଣ ଏବଂ ଆଦର୍ଶକୁ ହିଁ ଅବଲୋକନ କର ଯେ, ଅବିଶ୍ୱାସକାରୀ ଦିନମାନଙ୍କରେ ଅବିଶ୍ୱାସକାରୀତା, ଅହଂକାର, ଲୋଖଦେଖାଣିଆ ଭଳି ଅବଗୁଣ ତା' ମଧ୍ୟରେ ଥିଲା । ସେ ଏହା ଚାହୁଁଥିଲା ଯେ, ସେ ଇସ୍‌ଲାମ୍ ଧର୍ମକୁ ଭୂପୃଷ୍ଠରୁ ନିଶ୍ଚିହ୍ନ କରିଦେବ। କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କ କୃପାର ହସ୍ତ ତା' ହସ୍ତ (ହାତ)କୁ ଧରି ପକାଇଲା ସେତେବେଳେ ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହେଲା । ଇକ୍ରମା ମଧ୍ୟରେ ଏପରି ଆଚରଣ ସୃଷ୍ଟି ହେଲା ଯେ, ତା'ର ସେହି ଗର୍ବ, ଅହଂକାର ଏବଂ ଲୋକ ଦେଖାଣିଆ ଆଚରଣର ଚିହ୍ନ ବର୍ଣ୍ଣ ମଧ୍ୟ ଆଉ ବାକି ରହିଲା ନାହିଁ । ତା' ମଧ୍ୟରେ ବିନୀତତା ଏବଂ ବିନମ୍ରତା ସୃଷ୍ଟି ହେଲା । ତା'ର ଏହି ବିନୀତତା ଏବଂ ବିନମ୍ରତା ଇସଲାମ ଧର୍ମ ନିମନ୍ତେ ପ୍ରମାଣ ସାବ୍ୟସ୍ତ ହୋଇଗଲା । ସେ ଇସଲାମ୍ ଧର୍ମର ସତ୍ୟତା ନିମନ୍ତେ ଏକ ପ୍ରମାଣ ଏବଂ ନିଦର୍ଶନ ସାବ୍ୟସ୍ତ ହେଲା। ଏକ ଅବସରରେ ଅବିଶ୍ୱାସକାରୀମାନଙ୍କ ସହିତ ଯେତେବେଳେ ଯୁଦ୍ଧ ହେଲା ସେତେବେଳେ ଇକ୍ରମା ସୈନ୍ୟବାହିନୀର ସେନାପତି ଥିଲା । ଅବିଶ୍ୱାସକାରୀଙ୍କ ସହିତ ଘମାଘୋଡ଼ ଯୁଦ୍ଧ ହେଲା । ସେହି ସମୟଟି ଅତି ନିକଟବର୍ତ୍ତୀ ଥିଲା ଯେ, ଇସ୍‌ଲାମ୍ ଧର୍ମ ପରାସ୍ତ ହୋଇଯିବ ।

ଇକ୍ରମା ଏହି ଅବସ୍ଥାକୁ ଉପଲବ୍ଧି କରି (ଦେଖି) ନିଜର ଅଶ୍ୱ ଉପରୁ ତଳକୁ ଓହ୍ଲାଇ ପଡ଼ିଲା । ଲୋକମାନେ କହିଲେ, ହେ ସେନାପତି ମହୋଦୟ ! ଆପଣ କାହିଁକି ଅଶ୍ୱ ଉପରୁ ଓହ୍ଲାଇଲେ ? ସମ୍ଭବତଃ ଏଣେତେଣେ ହେବାକୁ ସମୟ ହୁଏ ତେବେ ଅଶ୍ୱ ମୋତେ ସାହାଯ୍ୟ କରିବ । ସେ (ଇକ୍ରମା) କହିଲା, ମୋତେ ସେହି ଯୁଗ ମନେ ପଡ଼ିଗଲା ଯେତେବେଳେ ମୁଁ ଈଶ୍ୱରଙ୍କ ବାର୍ତ୍ତାବହ ମୁହମ୍ମଦ ସ.ଅଙ୍କ ମୁକାବିଲା କରୁଥିଲି । ତେଣୁ ବର୍ତ୍ତମାନ ମୁଁ ଚାହୁଁଛି ଯେ, ମୁଁ ନିଜର ଜୀବନକୁ ଉତ୍ସର୍ଗ କରି ନିଜ ପାପର ପ୍ରାୟଶ୍ଚିତ କରିବି । ବର୍ତ୍ତମାନ ଦେଖନ୍ତୁ ଯେ, ଇକ୍ରମାର ଅବସ୍ଥା କେଉଁଠାରୁ କେଉଁ ପର୍ଯ୍ୟନ୍ତ ପହଞ୍ଚିଗଲା ? ତେଣୁ ତା'ର ନାମକୁ ପ୍ରଶଂସା ଏବଂ ସମ୍ମାନର ସହିତ ସ୍ମରଣ କରାଗଲା। ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ମନେରଖ ! ଈଶ୍ୱରଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତା ସେହି ଲୋକଙ୍କ ସପକ୍ଷରେ ହିଁ ହୋଇଥାଏ ଯେଉଁମାନେ ତାହାଙ୍କ (ଈଶ୍ୱରଙ୍କ) ପ୍ରସନ୍ନତାକୁ ନିଜ ମଧ୍ୟରେ ଏକତ୍ରିତ କରି ନିଅନ୍ତି । ଅଲ୍ଲାଃତାଲା ନାନା ସ୍ଥଳେ ସେମାନଙ୍କୁ **ରଜିଅଲ୍ଲାଃହୁ ଅନହୁମ୍‌ର** ଆଖ୍ୟା ପ୍ରଦାନ କରିଛନ୍ତି । ମୁଁ ତୁମମାନଙ୍କୁ ଏହି ଉପଦେଶ ଦେଉଛି ଯେ, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ସେମାନଙ୍କର ଚରିତ୍ର, ଉଦାହରଣ ତଥା ଆଦର୍ଶକୁ ଅନୁକରଣ କରି ଏହାକୁ ପାଳନ କରିବା ନିମନ୍ତେ ନିୟମାନୁବର୍ତ୍ତୀ ହୋଇଯାଉ ।

**ସଠିକ୍ ଆସ୍ଥା ଏବଂ ସତ୍‌କର୍ମ:-**

ଏତଦ୍‌ଭିନ୍ନ ଆହୁରି ଦୁଇଟି ଭାଗ ମଧ୍ୟ ରହିଛି ଯାହାକୁ ଧ୍ୟାନ ରଖିବା ଉଚିତ୍ । ଏହି ଦୁଇ ଭାଗକୁ ଜଣେ ସତ୍ୟନିଷ୍ଠ ବ୍ୟକ୍ତି ଧ୍ୟାନ ରଖିବା ଉଚିତ୍ । ତନ୍ମଧ୍ୟରୁ ପ୍ରଥମ ଭାଗ ହେଲା ସଠିକ୍ ଆସ୍ଥା । ସଠିକ୍ ଆସ୍ଥା ଓ ବିଶ୍ୱାସ ଈଶ୍ୱରଙ୍କର ସର୍ବୋଚ୍ଚ କୃପା ତଥ ସର୍ବୋଚ୍ଚ ଦୟା ଅଟେ। ସେହି ପୂର୍ଣ୍ଣ ସତ୍‌ଆସ୍ଥାର ମାର୍ଗ ଆମମାନଙ୍କୁ ନବୀ କରୀମ୍ ସ.ଅଙ୍କ ମାଧ୍ୟମରେ ବିନା କୌଣସି ଶାରୀରିକ ପରିଶ୍ରମରେ ପ୍ରଭୁ ଦେଖାଇଛନ୍ତି । ଆପଣମାନଙ୍କୁ ସେହି ସତ୍‌ଆସ୍ଥାର ମାର୍ଗ ଦେଖାଇ ଦିଆଯାଇଛି ସେହି ଆସ୍ଥା ତଥା ବିଶ୍ୱାସରୁ ଅନେକ ଜଗତ (ଦେଶ) ଏପର୍ଯ୍ୟନ୍ତ ବଞ୍ଚିତ ରହିଛନ୍ତି ।

ତେଣୁ ଆପଣମାନେ ଈଶ୍ୱରଙ୍କର ସେହି କୃପା ଏବଂ ସେହି ପୁରସ୍କାର ପ୍ରତି କୃତଜ୍ଞତା ଜ୍ଞାପନ କର। ସେହି କୃତଜ୍ଞତା ଏହିକି ଯେ, ସତ୍‌ହୃଦୟର ସହିତ ସେହି ସତ୍‌କର୍ମ ସମ୍ପାଦନ କର ଯାହାକି ସତ୍‌ଆସ୍ଥା ପରେ ଦ୍ୱିତୀୟ ଭାଗରେ ଆସିଥାଏ । ସେହି କୃତଜ୍ଞତା ନିଜର ବ୍ୟବହାରିକ ଅବସ୍ଥା ମାଧ୍ୟମରେ ସାହାଯ୍ୟ ପ୍ରାପ୍ତ କରି ଆପଣମାନେ ପ୍ରାର୍ଥନା କରନ୍ତୁ ଯେ, ପ୍ରଭୁ ସେହି ସତ୍‌ଆସ୍ଥା ଉପରେ ଆମମାନଙ୍କୁ ଅବିଚଳ ରଖନ୍ତୁ ଏବଂ ସତ୍‌କର୍ମ କରିବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଉପାସନାର ଭାଗରେ ଓଷା, ନମାଜ୍ ଏବଂ ଜକାତ୍ ଆଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଅଟନ୍ତି । ବର୍ତ୍ତମାନ ତୁମେମାନେ ନମାଜକୁ ହିଁ ଉଦାହରଣ ସ୍ୱରୂପ ବିଚାରକୁ ନିଅ ଯେ, ନମାଜ୍ । ନମାଜ ସଂସାରରୁ ଆନୀତ (ଆସିଅଛି) । କିନ୍ତୁ ସଂସାର ମଧ୍ୟରୁ ନମାଜ ଆସି ନାହିଁ । ଆଁହଜରତ ସ.ଅ କହିଲେ, قُرَّةُ عَيْنِي فِي الصَّلٰوةِ । **(ମଲ୍‌ଫୁଜାତ୍, ଭାଗ-1, ପୃ-127-129, ପ୍ରକାଶନ ସ୍ଥାନ-କାଦିୟାନ୍, 2018 ମସିହା)**

☆--☆--☆

**ବିଗତ ସଂଖ୍ୟା-3, ପୃଷ୍ଠା-12ରେ ହୁଜୁର ଅ.ବଙ୍କ ଦ୍ୱାରା ବର୍ଣ୍ଣିତ ଖୁତ୍‌ବା ଜୁମା 22-11-24ର ଅବଶିଷ୍ଟାଂଶ.....**

ଅର୍ଥାତ୍ ମୁହମ୍ମଦ ସ.ଅ ଯେଉଁ ସନ୍ଧିର ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି ଅବା ଯେଉଁ ଉମ୍ରାହ୍‌ର କଥା କହିଛନ୍ତି ତାହାକୁ ତୁମେମାନେ ସ୍ୱୀକାର (ମାନିନିଅ) କରିନିଅ । ଉର୍‌ୱାହ୍ କହିଲା, ହେ କୁରେଶ୍ ! ମୁଁ ତୁମମାନଙ୍କର ଶୁଭେଚ୍ଛୁ ଏବଂ ଶୁଭ ଚିନ୍ତକ ଅଟେ ତତ୍‌ସହିତ ମୁଁ ଏଥିପାଇଁ ଭୟଭୀତ ମଧ୍ୟ ଯେ, ତୁମର ସାହାଯ୍ୟ ସେହି ବ୍ୟକ୍ତି ବିରୁଦ୍ଧରେ କରାଯିବ ନାହିଁ ଯିଏ ବୈତୁଲ୍ଲାଃର ପିରକ୍ରମା ନିମନ୍ତେ ଆସିଛି । ତା' (ହ. ମୁହମ୍ମଦ ସ.ଅଙ୍କ) ନିକଟରେ ବଳିଦାନର ଜୀବମାନେ ରହିଛନ୍ତି । ସେହି ଜୀବମାନଙ୍କୁ ସେମାନେ ଜେବହ୍ କରିବେ ଏବଂ ଏହାପରେ ସେମାନେ ଫେରିଯିବେ। ପ୍ରତ୍ୟୁତ୍ତରରେ କୁରେଶ୍‌ମାନେ କହିଲେ, ହେ ଅବୁ ୟାଫୁ ! ଅର୍ଥାତ୍ ଉକ୍ତ କଥା ଶୁଣି ଉର୍‌ୱାହ୍‌କୁ କୁରେଶ୍‌ମାନେ କହିଲେ, ହେ ଅବୁ ୟାଫୁ ! ତୁମେ ଏପରି କଥା କୁହ ନାହିଁ । କ'ଣ ତୋ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ଉକ୍ତ କଥା କହିଛି । ଏହାର ବିପରୀତ ଆମେମାନେ ଉକ୍ତ ବ୍ୟକ୍ତିକୁ ଚଳିତ ବର୍ଷ ଫେରାଇ ଦେବୁ ଏବଂ ଆସନ୍ତା ବର୍ଷ ସେ ଓ ତା'ର ସାଥିମାନେ ଆସିବେ । ତେବେ ଉର୍‌ୱାହ୍ କହିବାକୁ ଲାଗିଲା ଯେ, ତୁମମାନଙ୍କୁ ଘୋର ବିପତ୍ତିର ସମ୍ମୁଖୀନ ହେବାକୁ ପଡ଼ିବ । ପୁନଶ୍ଚ ଉର୍‌ୱହ୍ ଓ ତା'ର ସାଥିମାନେ ତାଏଫ୍ ଅଭିମୁଖେ ଚାଲିଗଲେ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ମାଦ୍, ଭାଗ-5, ପୃ-44-45, ଦାରୁଲ୍ କୁତୁବୁଲ୍ ଇଲ୍ ମିୟାହ୍, ବୈରୁତ୍) (ବୁଖାରୀ କିତାବୁସ୍ ଶୁରୁତ୍, ବାବୁଶ୍ ଶୁରୁତ୍ ଫିଲ୍ ଜିହାଦ୍........ଶେଷ ପର୍ଯ୍ୟନ୍ତ, ହିଦିସ୍ ନଂ-2731-2732) (ଜୀବନୀ ଶବ୍ଦକୋଷ, ଭାଗ-8, ପୃ-93, ପ୍ରକାଶନ ସ୍ଥାନ-ଦାରୁସ୍ ସଲାମ୍) (ମୁସ୍‌ନଦ୍ ଅହେମଦ, ବି.ଦ୍ର, ସନଦି, ଭାଗ11, ପୃ-207, ମକ୍‌ତବା ଇଦାରତୁସ୍ ଶୁନଲ୍ ଇସ୍‌ଲାମିୟାହ୍)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ସୁଲାହ୍ ହୁଦୈବିୟାହ୍‌ର ଘଟଣାବଳୀ ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି । ଆପଣ ସ.ଅ ବର୍ଣ୍ଣନା କରି କୁହନ୍ତି: "ଆଁହଜରତ୍ ସ.ଅ ଯେତେବେଳେ ଖାନା କାଆବାର ପରିକ୍ରମା କରିବା ନିମନ୍ତେ ପ୍ରସ୍ଥାନ କଲେ ସେତେବେଳେ ମକ୍କାର ଅବିଶ୍ୱାସକାରୀମାନେ ସୂଚନା ପାଇଁ ନିଜର ଏକ ଅଧିପତିଙ୍କୁ ଆପଣ ସ.ଅଙ୍କ ଆଡ଼କୁ ପ୍ରେରଣ କଲେ । ସେହି ଅଧିପତି ଆଁହଜରତ ସ.ଅଙ୍କ ନିକଟକୁ ଯାଇ ଉକ୍ତ କଥା କହୁ କି ଚଳିତ ବର୍ଷ ସେ ଅର୍ଥାତ୍ ଆଁହଜରତ ସ.ଅ ଖାନା କାଆବାର ପରିକ୍ରମା ନିମନ୍ତେ ଆସନ୍ତୁ ନାହିଁ । ସେହି ଅଧିପତି ଆପଣ ସ.ଅଙ୍କ ନିକଟରେ ପହଞ୍ଚିଲା ଏବଂ କଥାବାର୍ତ୍ତା କରିବାକୁ ଲାଗିଲା । କଥା କହିବା ସମୟରେ ସେ ଆପଣ ସ.ଅଙ୍କ ପବିତ୍ର ଦାଢିକୁ ହାତ ଦ୍ୱାରା ସ୍ପର୍ଶ କଲା ଏବଂ କହିଲା, ହେ ମୁହମ୍ମଦ (ସ.ଅ) ! ଆପଣ ଏଥର ବୈତୁଲ୍ଲାଃର ପରିକ୍ରମା କରନ୍ତୁ ନାହିଁ ଏବଂ ଚଳିତ ବର୍ଷ ପରିକ୍ରମା ମୁଲତବୀ କରି ଦିଅନ୍ତୁ । ଆସନ୍ତା ବର୍ଷ ଆପଣ ପରିକ୍ରମା କରିବେ ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି; "ସେହି ଅଧିପତିର ଉକ୍ତ କୃତ୍ୟ ଅର୍ଥାତ୍ ଦାଢି ସ୍ପର୍ଶ କରିବା ଅସମ୍ମାନ ଯୋଗୁଁ ନଥିଲା ବରଂ ଏସିଆର ଲୋକମାନଙ୍କ ମଧ୍ୟରେ ଉକ୍ତ କଥା ପ୍ରଚଳିତ ଯେ, ସେମାନେ ଯେତେବେଳେ କୌଣସି ବ୍ୟକ୍ତି ଠାରୁ ନିଜର କଥା ସ୍ୱୀକାର କରାଇବାକୁ ଚାହାନ୍ତି ସେତେବେଳେ, ସେମାନେ ଅନୁରୋଧପୂର୍ବକ ଅନ୍ୟ ବ୍ୟକ୍ତିର ଦାଢିକୁ ହସ୍ତ (ହାତ) ଦ୍ୱାରା ସ୍ପର୍ଶ କରିଥାଆନ୍ତି କିମ୍ବା ନିଜର ଦାଢିକୁ ହସ୍ତ ଦ୍ୱାରା ସ୍ପର୍ଶ କରି କୁହନ୍ତି ଯେ, ଦେଖ ! ମୁଁ ଜାତିର ଜଣେ ବରିଷ୍ଠ ଅଧିପତି ଅଟେ । ତେଣୁ ମୋ କଥା ମାନି ନିଅ । ସୁତରାଂ ସେହି ଅଧିପତି ଜଣକ ମଧ୍ୟ ନିବେଦନପୂର୍ବକ ଆପଣ ସ.ଅଙ୍କ ଦାଢିରେ ହସ୍ତ ସ୍ପର୍ଶ କରିବାକୁ ଲାଗିଲା । ଉକ୍ତ ଦୃଶ୍ୟକୁ ଦେଖି ଜଣେ ସାହାବି ଆଗକୁ ଅଗ୍ରସର ହେଲେ ଏବଂ ନିଜର ଖଡ଼୍‌ଗର ମୁଠାକୁ ଧରି ଅଧିପତିକୁ କହିଲେ, ହେ ଅଧିପତି ! ତୁ ନିଜର ଅପବିତ୍ର ହସ୍ତକୁ ପଛକୁ ହଟାଇ ନେ । ଅଧିପତି ଜଣକ ଖଡ଼୍‌ଗ ମୁଠା ମାରିଥିବା ବ୍ୟକ୍ତିକୁ ଚିହ୍ନି ପକାଇ କହିଲା ଏବଂ କହିବାକୁ ଲାଗିଲା, ହେ ଖଡ଼୍‌ଗ ମୁଠା ଧାରଣ କରିଥିବା ବ୍ୟକ୍ତି ! ତୁମେ ସେହି ବ୍ୟକ୍ତି ଅଟ ଯାହା ଉପରେ ମୁଁ ଅମକ ଅବସରରେ ଉପକାର କରିଥିଲି । ଉକ୍ତ କଥା ଶୁଣି ସେହି ସାହାବି ଜଣକ ନିରବ ହୋଇଗଲେ ଏବଂ ପଛକୁ ଘୁଞ୍ଚିଗଲେ । ଅଧିପତି ଜଣକ ପୁନଶ୍ଚ ନିବେଦନପୂର୍ବକ ଆପଣ ସ.ଅଙ୍କ ଦାଢିରେ ହସ୍ତ **(ଅବଶିଷ୍ଟାଂଶ.....ପୃ-10ରେ)**

## (ଖୁତ୍‌ବା ଜୁମା)

ଆଁହଜରତ ସ.ଅ ପ୍ରାରମ୍ଭରେ ହିଁ କହି ଦେଇଥିଲେ ଯେ, ଯଦି କୌଣସି ମୁସଲମାନ ବ୍ୟକ୍ତି ମଦିନା ପ୍ରତି ବିମୁଖତା ପ୍ରଦର୍ଶନ କରିବ ତେବେ ସେହି ବ୍ୟକ୍ତି ଏକ ଶରୀରର ଏକ ଅପବିତ୍ର ଅଙ୍ଗ ହେବ । ତେଣୁ ସେହି ଅପବିତ୍ର ଅଙ୍ଗକୁ କାଟି ଦେବାଟା ଅଧିକ ଶ୍ରେୟସ୍କର ଓ ଉଚିତ୍ ହେବ । କିନ୍ତୁ ଏହାର ବିପରୀତ ଯଦି କୌଣସି ବ୍ୟକ୍ତି ସତହୃଦୟର ସହିତ ମୁସଲମାନ ହୋଇ ମକ୍କାରୁ ବାହାରିବ ତେବେ ସେହି ବ୍ୟକ୍ତିକୁ ମଦିନାରେ ସ୍ଥାନ ମିଳୁ ଅବା ନମିଳୁ ସେ ଯେଉଁଠି ବି ରହିବ ଇସ୍‌ଲାମ୍ ଧର୍ମର ଦୃଢତ୍ୱତାର କାରଣ ହେବ ଏବଂ ପରିଶେଷରେ ଅଲ୍ଲାଃତାଲା ତା' ନିମନ୍ତେ କୌଣସି ନା କୌଣସି ମାର୍ଗ (ବାଟ) ଅବଶ୍ୟ ବାହାର କରିବେ । (ସିରତ୍ ଖାତମୁନ୍ ନବୀୟିନ୍)

ଆଁହଜରତ ସ.ଅ କହିଲେ: "ହେ ଅବୁ ବସିର୍ ! ତୁମେମାନେ ଜାଣିଛ ଯେ, ଆମେମାନେ ସେହି ଲୋକମାନଙ୍କୁ ନିଜର କଥା ଦେଇ ସାରିଛୁ (ଅର୍ଥାତ୍ ସେହି ଲୋକମାନଙ୍କ ସହିତ ନିଜର ଅଙ୍ଗୀକାର କରି ସାରିଛୁ ତଥା ପ୍ରତିଶୃତି ଦେଇ ସାରିଛୁ) । ତେଣୁ ଆମ ଧର୍ମରେ ଶପଥ ଭଙ୍ଗ ଏବଂ ଚୁକ୍ତିର ଖିଲାଫ କରିବା ବୈଧ ନୁହେଁ । ତେଣୁ ତୁମେମାନେ ସେହି ଲୋକମାନଙ୍କ ସହିତ ଚାଲିଯାଅ । ପୁନଶ୍ଚ ତୁମେମାନେ ଯଦି ଧୈର୍ଯ୍ୟ ଏବଂ ଅବିଚଳତାର ସହିତ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିଲ ତେବେ ତୁମମାନଙ୍କ ନିମନ୍ତେ ଓ ତୁମମାନଙ୍କ ପରି ଅନ୍ୟ ଅସହାୟ ମୁସଲମାନମାନଙ୍କ ନିମନ୍ତେ ସ୍ୱୟଂକୁ କୌଣସି ମୁକ୍ତିର ପଥ ପ୍ରଶସ୍ତ ଏବଂ ଉନ୍ମୁକ୍ତ କରିଦେବେ । "

ଆଁହଜରତ୍ ସ.ଅ କହିଲେ: "ହେ ଅବୁ ବସିର୍ ! ତୁମେମାନେ ଜାଣିଛ ଯେ, ଆମେମାନେ ସେହି ଲୋକମାନଙ୍କୁ ନିଜର କଥା ଦେଇ ସାରିଛୁ (ଅର୍ଥାତ୍ ସେହି ଲୋକମାନଙ୍କ ସହିତ ନିଜର ଅଙ୍ଗୀକାର ତଥା ପ୍ରତିଶୃତି ଦେଇ ସାରିଛୁ) । ତେଣୁ ଆମ ଧର୍ମରେ ଶପଥ ଭଙ୍ଗ ଏବଂ ଚୁକ୍ତିର ଖିଲାଫ କରିବା ବୈଧ ନୁହେଁ। ତେଣୁ ତୁମେମାନେ ସେହି ଲୋକମାନଙ୍କ ସହିତ ଚାଲିଯାଅ । ପୁନଶ୍ଚ ତୁମେମାନେ ଯଦି ଧୈର୍ଯ୍ୟ ଏବଂ ଅବିଚଳତତାର ସହିତ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିବ ତେବେ ତୁମମାନଙ୍କ ନିମନ୍ତେ ଓ ତୁମମାନଙ୍କ ପରି ଅନ୍ୟ ଅସହାୟ ମୁସଲମାନମାନଙ୍କ ନିମନ୍ତେ ସ୍ୱୟଂକୁ କୌଣସି ମୁକ୍ତିର ପଥ ପ୍ରଶସ୍ତ ଏବଂ ଉନ୍ମୁକ୍ତ କରିଦେବେ । "

ଯେତେବେଳେ ମକ୍କାର ଅନ୍ୟ ଗୁପ୍ତ ତଥା ଦୁର୍ବଳ ବିଶ୍ୱାସୀ ମୁସଲମାନମାନଙ୍କୁ ଜ୍ଞାତ ହେଲା ଯେ, ଅବୁ ବସିର୍ ଏକ ନୂତନ ଠିକଣା ପ୍ରସ୍ତୁତ କରିନେଇଛି ସେତେବେଳେ ସେମାନେ ମଧ୍ୟ ଧୀରେ ଧୀରେ ମକ୍କାରୁ ବାହାରି ସିଫୁଲ୍ ବହର୍ ଠାରେ ପହଞ୍ଚିଗଲେ ।

କୁରୈଶମାନେ ଖୁବ ସ୍ୱଳ୍ପ ସମୟରେ ହିଁ ଅସ୍ତ୍ର ପକାଇଦେଲେ (ସମର୍ପଣ କରିଦେଲେ) ଏବଂ ଅବୁ ବସିର୍ ଦଳର ଆକ୍ରମଣରୁ ଅତିଷ୍ଠ ହୋଇ ଆଁହଜରତ ସ.ଅଙ୍କ ସେବାରେ ଏକ ରାଜଦୂତ ମାଧ୍ୟମରେ ନିବେଦନ କଲା ଏବଂ ନିଜର ଆତ୍ମୀୟ ସ୍ୱଜନ ତଥା ସଂପର୍କୀୟମାନଙ୍କ ଦ୍ୱାହି ଦେଇ ଆଁହଜରତ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସିଫୁଲ୍ ବହର୍‌ର ପ୍ରବାସକାରୀଙ୍କୁ ମଦିନା ଡକାଇ ନିଜର ରାଜନୈତିକ ବ୍ୟବସ୍ଥାରେ ସାମିଲ୍ କରି ନିଅନ୍ତୁ । ତତ୍‌ସହିତ ସୁଲାହ୍ ହୁଦୈବିୟାହ୍‌ର ସର୍ତ୍ତକୁ ମକ୍କାର ନବ ମୁସଲମାନମାନଙ୍କୁ ମଦିନାରେ ଆଶ୍ରୟ ଦିଆଯିବ ନାହିଁ । ନିଜର ପ୍ରସନ୍ନତା ଦ୍ୱାରା ଏହାକୁ ରଦ୍ଦ ଏବଂ ପ୍ରତ୍ୟାଖ୍ୟାନ କରିଦେଲେ ।

ନ୍ୟାୟର ଦାବି କରୁଥିବା ଲୋକମାନଙ୍କର ସର୍ବଦା ଦୋହୋରା ନୀତୀ ରହିଛି । ଏହି ଦୋହୋରା ନୀତି ଯୋଗୁଁ ସଂସାରରେ ଉପଦ୍ରବ ସୃଷ୍ଟି ହୋଇଛି । ଆଜି ମଧ୍ୟ ଉକ୍ତ ଉପଦ୍ରବ ଜାରି ରହିଛି । ଅଲ୍ଲାଃତାଲା ଆଜି ମଧ୍ୟ ସଂସାରକୁ ଏବଂ ବିଶେଷ କରି ସ୍ୱୟଂ ମୁସଲମାନମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ଦଜ୍ଜାଲୀୟ (ମାୟାବୀ ତଥା ଐନ୍ଦ୍ର ଜାଲିକ) ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ଆମିନ୍ ।

ସୁଲାହ୍ ହୁଦୈବିୟାହ୍ ଯୁଦ୍ଧର ପରିସ୍ଥିତି ଏବଂ ଘଟଣାବଳୀର ବର୍ଣ୍ଣନା । ସେହିପରି ଏଥି ସଂକ୍ରାନ୍ତୀୟ ଖ୍ରୀଷ୍ଟ ଇତିହାସବିତ୍‌ମାନଙ୍କ ପକ୍ଷରୁ ଉତ୍ଥାପିତ ହେଉଥିବା ପ୍ରଶ୍ନ ଏବଂ ଆପତ୍ତିର ନିରୁତ୍ତରମୂଳକ ଉତ୍ତର ହୁଦୈବିୟା ଯୁଦ୍ଧର ପରିସ୍ଥିତି, ଘଟଣାବଳୀର ବର୍ଣ୍ଣନା ।

**06 DECEMBER 2024 ମସିହା ଅନୁଯାୟୀ ୦୬ ଫତହ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ସୁଲାହ୍ ହୁଦୈବିୟାହ୍‌ର ଘଟଣା ସଂପର୍କରେ ଚର୍ଚ୍ଚା ଚାଲିଥିଲା । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ବିବରଣୀ ସଂପର୍କରେ ଘଟଣାବଳୀର ଆଜି ମଧ୍ୟ ଚର୍ଚ୍ଚା କରିବି । ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ର.ଅ ଏକ ଘଟଣାର ଚର୍ଚ୍ଚା କରିଛନ୍ତି । ଆପଣ ର.ଅ ଉଲ୍ଲେଖ କରନ୍ତି: "ବେଳେବେଳେ ଚୁକ୍ତିରେ ମଧ୍ୟ ବାଧା ବା ବ୍ୟାଘାତ (ବ୍ୟତିକ୍ରମ) ସୃଷ୍ଟି ହୋଇ ଯାଇଥାଏ ଏବଂ ଚୁକ୍ତିରେ ବେଳେବେଳେ ତ୍ରୁଟି ମଧ୍ୟ ରହି ଯାଇଥାଏ । ଏହି ତ୍ରୁଟି ଅପରମୁହୂର୍ତ୍ତରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରିଣାମ ଓ ଗୁରୁତ୍ୱପୂର୍ଣ୍ଣ କାରଣ ସାଜି ଥାଏ । ସୁତରାଂ ସୁଲାହ୍ ହୁଦୈବିୟାହ୍‌ରେ ମଧ୍ୟ ଉକ୍ତ ବ୍ୟାଘାତ ତଥା ବ୍ୟତିକ୍ରମ ସୃଷ୍ଟି ହୋଇଥିଲା । ଅତଏବ୍ ଉକ୍ତ ଚୁକ୍ତିରେ ମୁସଲମାନମାନଙ୍କର ପ୍ରତ୍ୟାବର୍ତ୍ତନର ସ୍ପଷ୍ଟ ସୂଚନା ତଥା ଚର୍ଚ୍ଚା ରହିଥିଲା। କିନ୍ତୁ ଏପରି ମହିଳାମାନଙ୍କର କୌଣସି ଚର୍ଚ୍ଚା ନଥିଲା ଯେଉଁମାନେ ମକ୍କାବାସୀଙ୍କ ମଧ୍ୟରୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ମୁସଲମାନମାନଙ୍କ ସହିତ ଆସି ମିଶି ଯାଇଥିଲେ । କିନ୍ତୁ ଖୁବ୍ ଶୀଘ୍ର ଏପରି ପରିସ୍ଥିତି ସୃଷ୍ଟି ହେବାକୁ ଲାଗିଲା ଯେ, ଏହି ପରିସ୍ଥିତି ଦ୍ୱାରା ମକ୍କାର ଅବିଶ୍ୱାସକାରୀଙ୍କ ଉପରେ ଉକ୍ତ ବ୍ୟତିକ୍ରମ ବା ବ୍ୟାଘାତର ଅସ୍ତିତ୍ୱ ସ୍ପଷ୍ଟ ଭାବରେ ପ୍ରକଟିତ ହେବାକୁ ଲାଗିଲା । ସୁତରାଂ ବର୍ତ୍ତମାନ ଉକ୍ତ ଚୁକ୍ତିକୁ କିଛି ଦିନ ବିତି ନଥିଲା କି ମକ୍କାରୁ କେତେକ ମୁସଲମାନମାନ ମହିଳାମାନେ ଅବିଶ୍ୱାସକାରୀଙ୍କ କବଳରୁ ଖସି ଆସି ମଦିନାରେ ପହଞ୍ଚିଗଲେ । ସେହି ମହିଳାମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଯେଉଁ ମହିଳା ଥିଲା ସେହି ମହିଳା ଜଣେ ମୃତ ପ୍ରାପ୍ତ ମୁସ୍‌ରିକ ଅଧିପତି ଯାହାର ନାମ ଉକ୍‌ବା ବିନ୍ ଅବି ମୁଇତ୍ ଥିଲା ତା'ର କନ୍ୟା ଉମ୍ମେ କୁଲ୍‌ସୁମ୍ ଥିଲା । ସେହି କନ୍ୟା ନିଜ ମା ଆଡୁ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କ ଭଉଣୀ ଲାଗୁଥିଲେ । ଉମ୍ମେ କୁଲ୍‌ସୁମ୍ ଅତ୍ୟନ୍ତ ସାହସିକତା ଦେଖାଇ ପାଦରେ ଚାଲି ଚାଲି ମଦିନାରେ ପହଞ୍ଚିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ମହିଳା ଜଣ ଏତେ ଦୀର୍ଘ ପଥର ଯାତ୍ରା ପାଦରେ କରିଥିଲେ । ସେହି ମହିଳା ଜଣକ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ନିଜର ଇସ୍‌ଲାମ୍ ଧର୍ମର ପରିପ୍ରକାଶ କଲେ । କିନ୍ତୁ ତା' ପଛେ ପଛେ ତା'ର ଦୁଇ ନିକଟବର୍ତ୍ତୀ ସଂପର୍କୀୟମାନେ ସେହି ମହିଳା ଅର୍ଥାତ୍ ଉମ୍ମେ କୁଲସୁମ୍‌ଙ୍କୁ ଧରିବାକୁ ପହଞ୍ଚି ଯାଇଥିଲେ । ସେହି ଦୁଇ ମହିଳାମାନେ ଉମ୍ମେ କୁଲସୁମ୍‌କୁ ଫେରିଯିବା ପାଇଁ ଦାବି କରିଥିଲେ । ସେହି ଦୁଇ ମହିଳାମାନଙ୍କର ଏହି ଦାବି ରହିଥିଲା ଯେ, (ଚୁକ୍ତିରେ ପୁରୁଷର ଶବ୍ଦ ପ୍ରୟୋଗ ହୋଇଛି) କିନ୍ତୁ ବାସ୍ତବରେ ଚୁକ୍ତି ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା ଏବଂ ମହିଳା ଓ ପୁରୁଷମାନେ ଉଭୟ ଉକ୍ତ ଚୁକ୍ତିରେ ସମନ୍ୱିତ ପ୍ରଭାବଶାଳୀ ତଥା ଅଧିକାରୀ ଅଟନ୍ତି । କିନ୍ତୁ ଉମ୍ମେ କୁଲ୍‌ସୁମ୍ ଚୁକ୍ତିରେ ବର୍ଣ୍ଣିତ ସର୍ତ୍ତାବଳୀର ଶବ୍ଦ ବ୍ୟତୀତ ଅର୍ଥାତ୍ ଚୁକ୍ତିରେ ମହିଳାର ଶବ୍ଦ ପ୍ରୟୋଗ ହୋଇ ନାହିଁ ପୁରୁଷର ଶବ୍ଦ ବ୍ୟବହୃତ ହୋଇଛି ବୋଲି କହିଲେ । ତେଣୁ ସେହି ଦୁଇଜଣ ମହିଳାମାନେ ମହିଳାମାନଙ୍କୁ ଚୁକ୍ତିରେ ବାଦ୍ ପଡ଼ିବାର ଦାବି କରୁଥିଲେ ଏବଂ କହୁଥିଲେ ଯେ, ମହିଳାମାନେ ଚୁକ୍ତିରେ ଅନ୍ତର୍ଭୁକ୍ତ ନୁହନ୍ତି । ସେହି ମହିଳାମାନେ

ଏହି ଯୁକ୍ତି ବାଢୁଥିଲେ ଯେ, ମହିଳାମାନେ ଦୁର୍ବଳ ସ୍ୱଭାବର ଅଧିକାରୀ ଅଟନ୍ତି ଏବଂ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଜଣେ ବ୍ୟକ୍ତିଙ୍କର ଅଧୀନସ୍ଥ ଥାଆନ୍ତି । ତେଣୁ ମହିଳାକୁ ଫେରସ୍ତ କରିବା ଏପରି ଅଟେ ଯେପରି ନିଜକୁ ଆଧାତ୍ମିକ ମୃତ୍ୟୁ ମୁଖରେ ଠେଲି ଦେବା ସହିତ ସମାନ ଏବଂ ଇସ୍‌ଲାମ୍ ଧର୍ମରୁ ବଞ୍ଚିତ କରିଦେବା ସହିତ ସମାନ ଅଟେ । ସୁତରାଂ ମହିଳାମାନଙ୍କର ଉକ୍ତ ଚୁକ୍ତିରୁ ବହିର୍ଭୂତ ମନେକରିବା କେବଳ ଚୁକ୍ତି ଅନୁଯାୟୀ ନଥିଲା ବରଂ ବୌଦ୍ଧିକ ମଧ୍ୟ ନ୍ୟାୟ ଦୃଷ୍ଟିରୁ ମଧ୍ୟ ଆବଶ୍ୟକ ଥିଲା । ଅତଏବ୍ ନ୍ୟାୟ ଦୃଷ୍ଟିରୁ ଆଁହଜରତ ସ.ଅ ଉମ୍ମେ କୁଲ୍‌ସୁମ୍‌ଙ୍କ ସପକ୍ଷରେ ନିର୍ଣ୍ଣୟ କରିଦେଲେ ଓ ତା'ର ପରିବାରକୁ ଫେରାଇ ଦେଲେ ଏବଂ ଈଶ୍ୱର ଉକ୍ତ ନିଷ୍ପତ୍ତିର ସମର୍ଥନ ଜଣାଇଲେ । ସୁତାରଂ ସେହି ଦିନମାନଙ୍କରେ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ୍ ଅବତୀର୍ଣ୍ଣ କଲେ ଯେ, ଯେତେବେଳେ କୌଣସି ମହିଳା ଇସ୍‌ଲାମ୍ ଧର୍ମର ଦାବି କରି ମଦିନା ଆସେ ସେତେବେଳେ ତା'ର ଭଲ ଭାବରେ ପରୀକ୍ଷା ନିଆଯାଉ। ସେ ଯଦି ପୁଣ୍ୟବାନ୍ ଏବଂ ନୈଷ୍ଠିକା ସାବ୍ୟସ୍ତ ହୁଏ ତେବେ ସେପରିପ୍ରେକ୍ଷୀରେ ସେହି ମହିଳାକୁ ଅବିଶ୍ୱାସକାରୀଙ୍କୁ କଦାପି ହସ୍ତାନ୍ତର କର ନାହିଁ । କିନ୍ତୁ ସେ ଯଦି ବିବାହିତ ହୋଇଥାଏ ତେବେ ସେହି ମହିଳାର ସେହି ଅବିଶ୍ୱାସକାରୀ ସ୍ୱାମୀକୁ ଅବଶ୍ୟ ପୈଠ କରିଦିଅ । ଏତଦ୍‌ପରେ ଯେତେବେଳେ ବି କୌଣସି ମହିଳା ମକ୍କାରୁ ବାହାରି ମଦିନା ଠାରେ ପହଞ୍ଚୁଥିଲା ତେବେ ସେପରିପ୍ରେକ୍ଷୀରେ ସେହି ମହିଳାର ଭଲ ଭାବରେ ପରୀକ୍ଷା ନିଆଯାଉଥିଲା । ସେହିପରି ସେହି ମହିଳାର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଏବଂ ନିଷ୍ଠାପରତାକୁ ଭଲ ଭାବରେ ପରୀକ୍ଷା କରାଯାଉଥିଲା। ପୁନଶ୍ଚ ଯେଉଁ ମହିଳାମାନେ ସଚ୍ଚରିତ୍ରା, ସତ୍‌ଉଦ୍ଦେଶୀନୀ, ନୈଷ୍ଠିକା ସାବ୍ୟସ୍ତ ହେଉଥିଲେ ଏବଂ ଯେଉଁ ମହିଳାମାନଙ୍କର ମନରେ ପ୍ରବାସର କୌଣସି ସାଂସାରିକ ମୋହ କିମ୍ବା ବ୍ୟକ୍ତିଗତ ନ୍ୟସ୍ତ ସ୍ୱାର୍ଥ ପକ୍ଷ ଦେଖିବାକୁ ମିଳୁ ନଥିଲା ତେବେ ସେପରିପ୍ରେକ୍ଷୀରେ ସେହି ମହିଳାମାନଙ୍କୁ ମଦିନାରେ ରଖି ନିଆଯାଉଥିଲା। ପୁନଶ୍ଚ ସେହି ମହିଳାମାନେ ଯଦି ବିବାହିତା ହେଉଥିଲେ ତେବେ ସେପରିପ୍ରେକ୍ଷୀରେ ସେମାନଙ୍କର ମେହେର୍ ସେମାନଙ୍କର ସ୍ୱାମୀଙ୍କୁ ପୈଠ କରିଦିଆଯାଉଥିଲା । ଏତଦ୍‌ପରେ ସେହି ମହିଳାମାନେ ମୁସଲମାନମାନଙ୍କ ମଧ୍ୟରେ ଏବଂ ମୁସଲମାନମାନଙ୍କ ସହିତ ବିବାହ କରିବା ନିମନ୍ତେ ସ୍ୱାଧୀନ ହେଉଥିଲେ ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-772-773)**

ଚୁକ୍ତିର ସର୍ତ୍ତ ସଂକ୍ରାନ୍ତରେ ଏକ ଘଟଣାବଳୀର ଚର୍ଚ୍ଚା ସଂକ୍ରାନ୍ତରେ ଉଲ୍ଲେଖ ରହିଛି। ସେହି ଘଟଣାଟି ହେଉଛି ଅବୁ ବସିର୍‌ର ଘଟଣା । ଉକ୍ତ ଘଟଣାର ସବିଶେଷ ବିବରଣୀ ମଧ୍ୟ ଏହିପରି ବର୍ଣ୍ଣିତ ହୋଇଛି ଯେ, ସୁଲାହ୍ ହୁଦୈବିୟାହ୍‌ର ଚୁକ୍ତି ମଧ୍ୟରୁ ଏକ ଚୁକ୍ତି ଏହା ମଧ୍ୟ ରହିଥିଲା ଯେ, କୁରୈଶ୍‌ମାନଙ୍କ ମଧ୍ୟରୁ ଯଦି କୌଣସି ବ୍ୟକ୍ତି ମୁସସଲମାନ ହୋଇ ମଦିନା ଅଭିମୁଖେ ଚାଲି ଆସେ ତେବେ ସେପରିପ୍ରେକ୍ଷୀରେ ମଦିନାବାସୀ ସେହି ବ୍ୟକ୍ତିକୁ ଆଶ୍ରୟ ପ୍ରଦାନ କରିବେ ନାହିଁ । ବରଂ ସେହି ବ୍ୟକ୍ତିକୁ ଫେରସ୍ତ (ପ୍ରତ୍ୟର୍ପଣ) କରିଦେବେ । କିନ୍ତୁ ଯଦି କୌଣସି ମୁସଲମାନ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ବିମୁଖ ଭାବ ଅର୍ଥ ପରିତ୍ୟାଗ କରି ମକ୍କା ଅଭିମୁଖେ ଚାଲି ଆସେ ତେବେ ମକ୍କାବାସୀ ସେହି ବ୍ୟକ୍ତିକୁ ଫେରସ୍ତ କରିବେ ନାହିଁ । ପ୍ରକାଶ୍ୟ ରୂପେ ଉକ୍ତ ସର୍ତ୍ତଟି ମୁସଲମାନମାନଙ୍କ ନିମନ୍ତେ ମର୍ଯ୍ୟାଦା କ୍ଷୁର୍ଣ୍ଣ ବା ସମ୍ମାନ ହାନୀର କାରଣ ବୋଲି ମନେକରାଯାଇଥିଲା ଏବଂ ସେଇଥି ପାଇଁ ଅନେକ ମସୁଲମାନମାନଙ୍କର ମନ ଭାଙ୍ଗି ଯାଇଥିଲା ଏବଂ ସେମାନେ ଦୁଃଖିତ ହୋଇଯାଇଥିଲେ । ଏପର୍ଯ୍ୟନ୍ତକି ହ. ଉମର୍ ର.ଅଙ୍କ ପରି ମହତ୍‌ପ୍ରତିଷ୍ଠ ବା ମହାମାନ୍ୟ ତଥା ବୁଦ୍ଧିମାନ ଓ ବିଚକ୍ଷଣ ସାହାବିଙ୍କୁ ମଧ୍ୟ ସେତେବେଳେ ସେହି ପରିବେଶରେ ଲୋକମାନଙ୍କର ଏହି ନିଷ୍ପତ୍ତି ଯୋଗୁଁ ତାଙ୍କ ହୃଦୟରେ ଯେମିତି ବଜ୍ରପାତ ହୋଇଥିଲା । ଅର୍ଥାତ୍ ହ. ଉମର ର.ଅ ଏହା ଭାବୁଥିଲେ ଯେ, ଆମେମାନେ ନିଜର ଅଧିକାରକୁ ଛାଡୁଛେ । ଉକ୍ତ ସର୍ତ୍ତ ଯୋଗୁଁ ଆପଣ ଅସନ୍ତୁଷ୍ଟ, ରୁଷ୍ଟ ଓ ବ୍ୟତୀବ୍ୟସ୍ତ ହୋଇ ପଡ଼ିଥିଲେ । କିନ୍ତୁ ଏତଦ୍‌ପରେ ତତ୍‌କ୍ଷଣାତ୍ ଏପରି ପରିସ୍ଥିତି ସୃଷ୍ଟି ହୋଇଗଲା ଯେ, ତହିଁରୁ ଉକ୍ତ କଥାର ପ୍ରମାଣ ମିଳେ ଯେ, ବାସ୍ତବରେ ଉକ୍ତ ସର୍ତ୍ତ କୁରୈଶ୍‌ମାନଙ୍କ ନିମନ୍ତେ ଦୁର୍ବଳତାର କାରଣ ଏବଂ ମୁସଲମାନମାନଙ୍କ ନିମନ୍ତେ ଶକ୍ତିର କାରଣ ସାଜିଥିଲା । କାରଣ ଯେପରିକି ଆଁହଜରତ୍ ସ.ଅ ପ୍ରାରମ୍ଭରେ ହିଁ କହି ଦେଇଥିଲେ ଯେ, "ଯଦି କୌଣସି ମୁସଲମାନ ବ୍ୟକ୍ତି ମଦିନାରୁ ବିମୁଖତା ପ୍ରଦର୍ଶନ କରେ ତେବେ ସେହି ବ୍ୟକ୍ତି ଏକ ଅପବିତ୍ର ଅଙ୍ଗ ହେବ ।"

କପଟ ବିଶ୍ୱାସୀ କିମ୍ବା ଏପରି ବ୍ୟକ୍ତିମାନେ ଯେଉଁ ଲୋକମାନଙ୍କର ମନରେ କୌଣସି କୁଟୀଳତା ରହିଥିଲା ସେହି ଲୋକମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ପୁନଶ୍ଚ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରି ପାରିବେ ଏବଂ ସେମାନେ ବିଧର୍ମୀ ହୋଇ ପାରିବେ । ତେଣୁ ଯଦି କୌଣସି ବ୍ୟକ୍ତି ମଦିନା ଛାଡ଼ି ମକ୍କା ଯାଏ ତେବେ ଅବଶ୍ୟ ସେହି ବ୍ୟକ୍ତି ଯାଉ । ସେହି ବ୍ୟକ୍ତିକୁ ମଦିନାକୁ ପୁଣି ଡାକିବାକର ଆବଶ୍ୟକତା ନାହିଁ। କାରଣ ସେହି ବ୍ୟକ୍ତି ଅପବିତ୍ର ଅଙ୍ଗ ପରି ଅଟେ । ତେଣୁ ସେହି ଅପବିତ୍ର ଅଙ୍ଗକୁ କାଟି ଦେବା ହିଁ ଅଧିକ ଶ୍ରେୟସ୍କର ଥିଲା । କିନ୍ତୁ ଏହାର ବିପରୀତ ଯଦି କୌଣସି ବ୍ୟକ୍ତି ସତ୍‌ହୃଦୟର ସହିତ ମୁସଲମାନ ହୋଇ ମକ୍କାରୁ ବାହାରିବ ତେବେ ସେ ପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ ମଦିନାରେ ସ୍ଥାନ ମିଳୁ ଅବା ନମିଳୁ ସେ ଯେଉଁଠି ବି ରହିବ ଇସ୍‌ଲାମ୍ ଧର୍ମର ଶକ୍ତିର କାରଣ ସାଜିବ । ପରିଶେଷରେ ଅଲ୍ଲାଃତାଲା ସେହି ବ୍ୟକ୍ତି ନିମନ୍ତେ କୌଣସି ନା କୌଣସି ମାର୍ଗ (ବାଟ) ଉନ୍ମୁକ୍ତ (ଖୋଲି) ଦେବେ।

ଉକ୍ତ ଦୃଷ୍ଟିକୋଣଟି ଖୁବ୍ ଶୀଘ୍ର ନିଜର ସତ୍ୟତାକୁ ପ୍ରମାଣିତ କରିଦେଲା । କାରଣ ବର୍ତ୍ତମାନ ଆଁହଜରତ ସ.ଅଙ୍କୁ ମଦିନାରେ ଆସିବାକୁ ଅଧିକ ସମୟ ବିତି ନଥିଲା କି ଜନୈକ ବ୍ୟକ୍ତି ଯାହାର ନାମ ଅବୁ ବସିର୍ ବିନ୍ ଉସୈଦ୍ ସକ୍‌ଫି ଥିଲା । ସେହି ବ୍ୟକ୍ତି ମକ୍କାର ଅଧିବାସୀ ଥିଲା ଏବଂ ବନୁ ଜୁହ୍‌ରାର ମିତ୍ର ଥିଲା । ସେହି ବ୍ୟକ୍ତି ମୁସଲମାନ ହୋଇ ମକ୍କାବାସୀଙ୍କ କବଳରୁ ଅର୍ଥାତ୍ କୁରୈଶମାନଙ୍କ କାରାବରଣରୁ ଖସି ଆସି ମଦିନା ପହଞ୍ଚିଗଲା । ମକ୍କାର କୁରୈଶ୍‌ମାନେ ତା' ପଛେ ପଛେ ଦୁଇଜଣ ବ୍ୟକ୍ତି ପ୍ରେରଣ କଲେ ଏବଂ ଆଁହଜରତ ସ.ଅଙ୍କ ନିକଟରେ ଫେରାଦ୍ ହେଲେ ଯେ, ହେ ମୁହମ୍ମଦ ! ଅବୁ ବସିର୍‌କୁ ଚୁକ୍ତିର ସର୍ତ୍ତାନୁଯାୟୀ ଆମମାନଙ୍କୁ ହସ୍ତାନ୍ତରିତ କିରି ଦିଅନ୍ତୁ। ଆଁହଜରତ ସ.ଅ ଅବୁ ବସିର୍‌କୁ ଡକାଇଲେ ଏବଂ ତା'କୁ ଫେରିଯିବା ନିମନ୍ତେ ଆଦେଶ ଦେଲେ । ଅବୁ ବସିର୍ ଆଗରୁ ଅର୍ଥାତ୍ ଆଁହଜରତ ସ.ଅଙ୍କ କଥା ଶୁଣି ରୋଦନ ଏବଂ ବିଳାପ ଆରମ୍ଭ କରିଦେଲା ଏବଂ ଚିତ୍କାର କରି କହିବାକୁ ଲାଗିଲା ଯେ, ମୁଁ ମୁସଲମାନେ ଅଟେ ଏବଂ ଏହି ଲୋକମାନେ (କୁରୈଶ୍‌ମାନେ) ମୋତେ ମକ୍କାର ବହୁତ୍ ହଇରାଣ ହରକତ୍ କରିବେ । ଏମାନେ ମୋତେ ଇସ୍‌ଲାମ୍ ଧର୍ମ ପରିତ୍ୟାଗ କରିବା ନିମନ୍ତେ ବାଧ୍ୟ କରିବେ । ଆଁହଜରତ ସ.ଅ କହିଲେ, ହେ ଅବୁ ବସିର୍ ! ମୁଁ ଚୁକ୍ତି ଯୋଗୁଁ ବାଧ୍ୟ ଅଟେ । ମୁଁ କ୍ଷମାପ୍ରାର୍ଥୀ ଅଟେ । ତେଣୁ ମୁଁ ତୁମକୁ ଏଠାରେ ରଖି ପାରିବି ନାହିଁ । ତୁମେ ଯଦି ପ୍ରଭୁଙ୍କ ପ୍ରସନ୍ନତା ସକାଶେ ଧୈର୍ଯ୍ୟ ପ୍ରଦର୍ଶନ କର ତେବେ ଈଶ୍ୱର ତୁମ ନିମନ୍ତେ ଅବଶ୍ୟ କୌଣସି ନା କୌଣସି ମାର୍ଗ ଅବଶ୍ୟ ଉନ୍ମୁକ୍ତ କରିଦେବେ । କିନ୍ତୁ ମୁଁ ବାଧ୍ୟ ଏବଂ କୌଣସି ପରିସ୍ଥିତିରେ ବି ଚୁକ୍ତିର ବିରୁଦ୍ଧାଚରଣ କରି ପାରିବି ନାହିଁ ।" ଆଁହଜରତ ଚୁକ୍ତିର ସର୍ତ୍ତାବଳୀ ଉପରେ କିପରି ନିୟମାନୁବର୍ତ୍ତୀ ଥିଲେ ! ଅସହାୟ ଅବୁ ବସିର୍ ସେହି ଲୋକମାନଙ୍କ ସହିତ ପ୍ରସ୍ଥାନ କଲା । କିନ୍ତୁ ତା' ମନରେ ଏହି ଭୟ ରହିଥିଲା ଯେ, ମକ୍କାରେ ପହଞ୍ଚିବା ପରେ ତା' ଉପରେ ନାନା ଅତ୍ୟାଚାର ହେବ ଏବଂ ତା'କୁ ନିର୍ଯାତନା ଦିଆଯିବ । ତା'କୁ ଇସ୍‌ଲାମ୍ ଧର୍ମ ଭଳି ପୁରସ୍କାର ତଥା ଅବଦାନକୁ କେବଳ ଗୁପ୍ତ ରଖିବାକୁ ପଡ଼ିବ ନାହିଁ ବରଂ ସମ୍ଭବତଃ ଇସ୍‌ଲାମ୍ ଧର୍ମ ଛାଡ଼ିବା ନିମନ୍ତେ ବାଧ୍ୟ କରାଯିବା ହେତୁ ଇସ୍‌ଲାମ୍ ଧର୍ମକୁ ହାତ ଛଡ଼ା କରିବାକୁ ପଡ଼ିବ । ତେଣୁ ଯେତେବେଳେ ଏହି ଦଳ ଜୁଲ୍ ହୁଲୈଫା ଠାରେ ପହଞ୍ଚିଲା (ଜୁଲ୍ ହୁଲାଫା ମଦିନା ଠାରୁ ପାଞ୍ଚ ମାଇଲ୍ ଦୂରତାରେ ଅବସ୍ଥିତ ଏକ ସ୍ଥାନର ନାମ) ପହଞ୍ଚିଲା ସେତେବେଳେ ଅବୁ ବସିର୍ ସୁଯୋଗ ଦେଖି କୁରୈଶର ସାଥିମାନଙ୍କ ମଧ୍ୟରୁ ଯେକି ଉକ୍ତ ଦଳର ଅଧିପତି ଥିଲା ତା'କୁ ବଧ କରିଦେଲା । ଏହା ଖୁବ୍ ନିକଟବର୍ତ୍ତୀ (ଅସନ୍ନ) ଥିଲା କି ଅବୁ ବସିର୍ ଅନ୍ୟ ଅଧିପତିକୁ ମଧ୍ୟ ଟାର୍ଗେଟ କରୁ । କିନ୍ତୁ ସେ (ଅଧିପତି) ନିଜର ଜୀବନ ନେଇ ଖସି ପଳାୟନ କଲା ଏବଂ ଅବୁ ବସିର୍‌ର ପହଞ୍ଚିବା ପୂର୍ବରୁ ମଦିନାରେ ଯାଇ ପହଞ୍ଚିଗଲା । ପଛେ ପଛେ ଅବୁ ବସିର୍ ମଧ୍ୟ ଆସି ପହଞ୍ଚିଗଲା । ଯେତେବେଳେ ଉକ୍ତ ବ୍ୟକ୍ତି ମଦିନାରେ ପହଞ୍ଚିଲା ସେତେବେଳେ ଆଁହଜରତ ସ.ଅ ମସ୍‌ଜିଦ୍ରେ ବିରାଜମାନ ଥିଲେ । ସେହି ବ୍ୟକ୍ତିର ଭୟାବସ୍ଥାକୁ ଦେଖି ଆପଣ ସ.ଅ କହିଲେ, ସେହି ବ୍ୟକ୍ତିକୁ ଦେଖିବା ପରେ ପ୍ରତିତ ହେଉଛି ଯେ, ସେହି ବ୍ୟକ୍ତି କୌଣସି ଦୁଃଖ ଏବଂ ଶୋକ ଦ୍ୱାରା ଗଭୀର ଭାବରେ ମର୍ମାହତ । ତତ୍‌ସହିତ ସେହି ବ୍ୟକ୍ତିର ହସ୍ତ ଦ୍ୱୟ ମଧ୍ୟ ଥରୁ ଥିଲା ସେହି ଥରୁ ଥିବା ଅର୍ଥାତ୍ ପ୍ରକମ୍ପନ ଅବସ୍ଥାରେ ଆଁହଜରତ ସ.ଅଙ୍କୁ ସଂପୃକ୍ତ ବ୍ୟକ୍ତି ଜଣକ କହିଲା, ହେ ମୁହମ୍ମଦ ସ.ଅ ମୋର ସାଥି ମୃତ୍ୟୁବରଣ କରିଛି ଏବଂ ମୁଁ ମଧ୍ୟ ମୃତ୍ୟୁ ମୁଖରେ ଛିଡ଼ା ହୋଇଛି । ଆଁହଜରତ ସ.ଅ ଉକ୍ତ ଘଟଣାକୁ ଶୁଣି ସେହି ବ୍ୟକ୍ତିକୁ ଆଶ୍ୱାସନା ପ୍ରଦାନ କଲେ । ଠିକ୍ ସେତିକିବେଳେ ଅବୁ ବସିର୍ ମଧ୍ୟ ହାତରେ ଖଡ୍‌ଗ ଧରି ଆସି ପହଞ୍ଚିଗଲା ଏବଂ ଆସିବା ମାତ୍ରେ ଆଁହଜରତ ସ.ଅଙ୍କୁ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ମୋତେ କୁରୈଶ୍‌କୁ ହସ୍ତାନ୍ତର କରି ଦେଇଥିଲେ ଏବଂ ଆପଣଙ୍କର ଦାୟିତ୍ୱ ସମାପ୍ତ ହୋଇଯାଇଛି । କିନ୍ତୁ ମୋତେ ଈଶ୍ୱର ଅତ୍ୟାଚାରୀ ଜାତିରୁ ମୁକ୍ତି ପ୍ରଦାନ କରିଛନ୍ତି


### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)



### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ଏବଂ ବର୍ତ୍ତମାନ ମୋର ଆପଣ ସ.ଅଙ୍କ ଉପରେ କୌଣସି ଦାୟିତ୍ୱ ନାହିଁ ।" ଅପଣ ସ.ଅ କହି ଉଠିଲେ, وَيْلُ اُمِّهٖ مِسْعَرُ حَرْبٍ لَّوْ كَانَ لَهٗ اَحَدٌ ଅର୍ଥାତ୍ ତା' ମା'ର ଅମଙ୍ଗଳ ହେଉ (ଉକ୍ତ ଶବ୍ଦ ଆରବୀୟ ଆପ୍ତବାକ୍ୟରେ ଶାବ୍ଦିକ ଅର୍ଥକୁ ଅଣଦେଖା କରି ନିନ୍ଦା, ଅଶ୍ଚର୍ଯ୍ୟଭାବ ଏବଂ ଅସନ୍ତୋଷ ଇତ୍ୟାଦି ଅବସରରେ ବ୍ୟବହାର କରାଯାଇଥାଏ) । ଆଁହଜରତ ସ.ଅ କହିଲେ,"ଉକ୍ତ ବ୍ୟକ୍ତି ତ' ଯୁଦ୍ଧର ଅଗ୍ନିକୁ ପ୍ରଜ୍ୱଳିତ କରୁଛି । ତେଣୁ ଏପରି ହୁଅନ୍ତା କି କେହି ବ୍ୟକ୍ତି ଉକ୍ତ ବ୍ୟକ୍ତିକୁ ସମ୍ଭାଳି (ନିୟନ୍ତ୍ରିତ) ନିଅନ୍ତା କି ? "

ଅବୁ ବସିର୍ ଯେତେବେଳେ ଉକ୍ତ ଶବ୍ଦ ଶୁଣିଲା ସେତେବେଳେ ସେ ଏହା ବୁଝିନେଲା ଯେ, ଆଁହଜରତ ସ.ଅ ତା'କୁ (ଅବୁ ବସିର୍‌କୁ) ଚୁକ୍ତିର ସର୍ତ୍ତାନୁଯାୟୀ ଫେରିଯିବା ନିମନ୍ତେ ଆଦେଶ ଦେବେ । ସୁତରାଂ ଏଥି ସଂକ୍ରାନ୍ତରେ ବୁଖାରୀରେ ଉକ୍ତ ଶବ୍ଦର ଉଲ୍ଲେଖ ରହିଛି ଯେ, فَلَمَّا سَمِعَ ذٰلِكَ عَرَفَ اَنَّهٗ سَيَرُدُّهٗ اِلَيْهِمْ "ଅର୍ଥାତ୍ ଯେତେବେଳେ ଅବୁ ବସିର୍ ଆଁହଜରତ ସ.ଅଙ୍କ ଉପରୋକ୍ତ ଶବ୍ଦ ଶୁଣିଲା ସେତେବେଳେ ସେ ଜାଣିନେଲା ଯେ, ଆପଣ ସ.ଅ କୌଣସି ପରିସ୍ଥିତିରେ ବି ସେହି ବ୍ୟକ୍ତିକୁ ମକ୍କାବାସୀଙ୍କୁ ହସ୍ତାନ୍ତର କରିଦେବେ । ତେଣୁ ସେ ସେଠାରୁ ଧୀର ସ୍ଥିର ଭାବରେ ବାହାରି ପଡ଼ିଲା ଏବଂ ମକ୍କା ବଦଳରେ ଯେଉଁଠି ତା'କୁ ଶାରୀରିକ ଏବଂ ଆଧ୍ୟାତ୍ମିକ ମୃତ୍ୟୁ ଦୃଶ୍ୟମାନ ହେଉଥିଲା । ଲୋହିତ ସାଗରର ଉପକୂଳରୁ ହଟି ସେ ସିଫୁଲ୍ ବହର୍ ନାମକ (ସମୁଦ୍ର) ସ୍ଥାନରେ ପହଞ୍ଚିଲା ।"

ମକ୍କାର ଅନ୍ୟ ଗୁପ୍ତ ଏବଂ ଦୁର୍ବଳ ମୁସଲମାନମାନଙ୍କୁ ଯେତେବେଳେ ଉକ୍ତ କଥା ଜ୍ଞାତ ହେଲା ଯେ, ଅବୁ ବସିର୍ ଏକ ନୂତନ ଠିକଣା ତିଆରି କରି ନେଇଛି ସେତେବେଳେ ସେମାନେ ମଧ୍ୟ ଧୀରେ ଧୀରେ ମକ୍କାରୁ ବାହାରି ସିଫୁଲ୍ ବହର୍ ଠାରେ ପହଞ୍ଚିଗଲେ। ସେହି ଲୋକମାନଙ୍କ ମଧ୍ୟରେ ମକ୍କାର ଧନାଢ୍ୟ ବ୍ୟକ୍ତି ଯାହାର ନାମ ସୁହୈଲ୍ ବିନ୍ ଅମ୍ର ଥିଲା ତା'ର ପୁତ୍ର ଅବୁ ଜନ୍ଦଲ୍ ମଧ୍ୟ ଅନ୍ୟତମ ମୁସଲମାନ ଥିଲା । ଆଁହଜରତ ସ.ଅ ଅବୁ ଜନ୍ଦଲ୍‌କୁ ହୁଦୈବିୟାହରୁ ଫେରାଇ ଦେଇଥିଲେ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ଚର୍ଚ୍ଚା ବିଗତ ଖୁତ୍‌ବାରେ ହୋଇ ସାରିଛି । ଧୀରେ ଧୀରେ ସେହି ଲୋକମାନଙ୍କର ସଂଖ୍ୟା ପ୍ରାୟ 70 ହୋଇ ଯାଇଥିଲା କିମ୍ବା ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ସେହି ଲୋକମାନଙ୍କର ସଂଖ୍ୟା 300 ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା । ଏହିପରି ଭାବରେ ମଦିନା ବ୍ୟତୀତ ଅନ୍ୟ ଇସ୍‌ଲାମୀୟ ରାଜ୍ୟରେ ମଧ୍ୟ ଅସ୍ତିତ୍ୱକୁ ଆସିଥିଲା । ଅର୍ଥାତ୍ ଇସ୍‌ଲାମୀୟ ଶାସନ ବ୍ୟବସ୍ଥା ସ୍ଥାପିତ ହୋଇ ସାରିଥିଲା । ଏହି ଇସ୍‌ଲାମୀୟ ରାଜ୍ୟଗୁଡ଼ିକ ଧାର୍ମିକ ରୂପେ ତ' ଆଁହଜରତ ସ.ଅଙ୍କ ଅଧୀନସ୍ଥ ଥିଲା । କିନ୍ତୁ ରାଜନୈତିକ ରୂପେ ଜଦ୍ଧା ଆହୁରି ସ୍ୱାଧୀନ ଥିଲା । କାରଣ ଏକ ପାର୍ଶ୍ୱରେ ହିଜାଜ୍‌ର ସୀମାରେ ଏକ ପୃଥକ ଏବଂ ସ୍ୱାଧୀନ ରାଜନୈତିକ ବ୍ୟବସ୍ଥା ବିଦ୍ୟମାନ ହେବା କୁରୈଶ୍‌ମାନଙ୍କ ପାଇଁ ବିପଦ ରହିଥିଲା । ଅନ୍ୟ ପାର୍ଶ୍ୱରେ ସିଫୁଲ୍ ବହର୍‌ର ପ୍ରବାସକାରୀମାନେ ମକ୍କାର କୁରୈଶ୍‌ମାନଙ୍କ ଆକ୍ରମଣ ଦ୍ୱାରା ଗଭୀର ଭାବରେ ଆହତ ହୋଇଥିଲେ । ତେଣୁ ବର୍ତ୍ତମାନ ଅଧିକ ସମୟ ଅତିକ୍ରାନ୍ତ ହୋଇ ନଥିଲା କି ସେହି ପ୍ରବାସକାରୀମାନେ ସିଫୁଲ୍ ବହର୍ ଏବଂ ମକ୍କାର କୁରୈଶ୍‌ମାନଙ୍କ ସଂପର୍କ ପ୍ରାୟତଃ ଗମ୍ଭୀର ସ୍ଥିତି ଅବଲମ୍ବନ କରିନେଲା ଯାହା ପ୍ରାରମ୍ଭରେ ମଦିନାର ପ୍ରବାସକାରୀମାନଙ୍କ ସଂକ୍ରାନ୍ତରେ ସୃଷ୍ଟି ହୋଇଥିଲା । ସିଫୁଲ୍ ବହର୍ ସେହି ମାର୍ଗର ନିକଟବର୍ତ୍ତୀ ଥିଲା ଯେଉଁ ମାର୍ଗ ମଦିନା ଠାରୁ ସିରୀୟା ଅଭିମୁଖେ ଯାଉଥିଲା । ତେଣୁ କୁରୈଶ୍‌ର ଯାତ୍ରୀସମୂହ ସହିତ ସେହି ପ୍ରବାସକାରୀମାନଙ୍କର ମୁହାଁମୁହିଁ ହେବାକୁ ଲାଗିଲା । ଉକ୍ତ ନୂତନ ଯୁଦ୍ଧ ଯଥାଶୀଘ୍ର କୁରୈଶ୍‌ମାନଙ୍କ ନିମନ୍ତେ ଏକ ଭୟଙ୍କର ରୂପ ନେଇନେଲା । କାରଣ ପ୍ରଥମତଃ କୁରୈଶ୍‌ମାନେ ପୂର୍ବ ଯୁଦ୍ଧ ଯୋଗୁଁ ଦୁର୍ବଳ ହୋଇ ସାରିଥିଲେ ଏବଂ ଦ୍ୱିତୀୟତଃ ବର୍ତ୍ତମାନ ସେମାନେ ପୂର୍ବାପେକ୍ଷା ସଂଖ୍ୟାରେ ସ୍ୱଳ୍ପ ଅର୍ଥାତ୍ ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ପାଇଥିଲା । ସେମାନଙ୍କ ବିପରୀତ ସିଫୁଲ୍ ବହର୍‌ର ଇସ୍‌ଲାମୀୟ ରାଜ୍ୟ ଯାହାକୁ ଅବୁ ବସିର୍ ଏବଂ ଅବୁ ଜନ୍ଦଲ୍ ଭଳି ପ୍ରାଣକୁ ବିକ୍ରି କରିଦେଉଥିବା (ପ୍ରାଣୋତ୍ସର୍ଗୀ) ସେନାପତିଙ୍କ ନେତୃତ୍ୱରେ ରହିଥିଲା। ବିଶ୍ୱାସର ସଦ୍ୟତମ ଉତ୍ସାହ ଏବଂ ନିଜର ପୂର୍ବ ଅତ୍ୟାଚାରର ତିକ୍ତ ସ୍ମୃତି ସେହି ବଜ୍ର (ବିଜୁଳୀ) ଶକ୍ତି ଦ୍ୱାରା ପରିପୂର୍ଣ୍ଣ ଥିଲା । ସେହି ସଦ୍ୟତମ ବିଶ୍ୱାସର ଉତ୍ସାହ ବିପକ୍ଷରେ କେହି ମୁକାବିଲା କରି ପାରିବ ନାହିଁ । ଉକ୍ତ ସଦ୍ୟତମ ବିଶ୍ୱାସ ଉତ୍ସାହ ବିରୁଦ୍ଧରେ ମୁକାବିଲା କରିବାକୁ କେହି ଦୁଃସାହସ ମଧ୍ୟ କରିପାରିବ ନାହିଁ । ପରିଣାମ ଏହା ହେଲା କି କିଛି ସମୟ ମଧ୍ୟରେ ହିଁ କୁରୈଶ୍‌ମାନେ ଅସ୍ତ୍ରଶସ୍ତ୍ର ପକାଇଦେଲେ (ସମର୍ପଣ କରିଦେଲେ) ଏବଂ ଅବୁ ବସିର୍‌ର ଦଳର ଆକ୍ରମଣରୁ ଅତିଷ୍ଠ ହୋଇ ଆଁହଜରତ ସ.ଅଙ୍କ ସେବାରେ ଜଣେ ରାଜଦୂତ ମାଧ୍ୟମରେ ନିବେଦନ କଲେ ଏବଂ ନିଜର ସଂପର୍କୀୟ ଏବଂ ଆତ୍ମୀୟ ସ୍ୱଜନମାନଙ୍କର ଦ୍ୱାହି ଦେଇ ଆଁହଜରତ ସ.ଅଙ୍କୁ କହିଲେ ହେ ମୁହମ୍ମଦ (ସ.ଅ) ! ସିଫୁଲ୍ ବହରର ପ୍ରବାସକାରୀମାନଙ୍କୁ ମଦିନାରେ ଡ଼କାଇ ନିଜର ରାଜନୈତିକ ବ୍ୟବସ୍ଥାରେ ସାମିଲ୍ କରାଇ ନିଅନ୍ତୁ ଏବଂ ତତ୍‌ସହିତ ସୁଲାହ୍ ହୁଦୈବିୟାହ୍‌ର ଉକ୍ତ ସର୍ତ୍ତକୁ ମଧ୍ୟ ରଦ୍ଦ କରିଦିଅନ୍ତୁ ଯେ, ମକ୍କାର ମୁସଲମାନମାନଙ୍କୁ ମଦିନାରେ ଆଶ୍ରୟ ଦିଆଯିବ ନାହିଁ ।"

ଯେଉଁ ଲୋକମାନେ ମୁସଲମାନ ହୋଇ ମଦିନାକୁ ଆସିଥିଲେ ସେମାନଙ୍କୁ ମଦିନାକୁ ଫେରସ୍ତ କରି ଦିଆଯିବି । ସୁତରାଂ ଉକ୍ତ ସର୍ତ୍ତକୁ ସେମାନେ ସ୍ୱୟଂ ସମାପ୍ତ କରିଦେଲେ । ସେମାନେ କହିଲେ, ଠିକ୍ ଅଛି ଆପଣମାନେ ନିଃସନ୍ଦେହ ରଖି ନିଅନ୍ତୁ ।" ଆଁହଜରତ ସ.ଅ ଉକ୍ତ ନିବେଦନକୁ ସ୍ୱୀକାରେ କରିନେଲେ ଏବଂ ଅବୁ ବସିର୍ ଓ ଅବୁ ଜନ୍ଦଲ୍‌କୁ ଏକ ପତ୍ର ମାଧ୍ୟମରେ ସୂଚନା ପ୍ରଦାନ କଲେ । ଯଦିଚ କୁରୈଶ୍‌ମାନେ ସ୍ୱେଚ୍ଛାକୃତ ଭାବରେ ଚୁକ୍ତିରେ ସଂଶୋଧନ କରି ଦେଇଛନ୍ତି । ତେଣୁ ବର୍ତ୍ତମାନ ସେମାନଙ୍କୁ ମଦିନାରେ ଚାଲି ଆସିବା ଉଚିତ୍ । ତୁମେମାନେ ଏଠାକୁ ଅର୍ଥାତ୍ ମଦିନାକୁ ଚାଲି ଆସ ।"

"ଆଁହଜରତଙ୍କ ରାଜଦୂତ ଯେତେବେଳେ ସିଫୁଲ୍ ବହର୍ ଠାରେ ପହଞ୍ଚିଲା ସେତେବେଳେ ଅବୁ ବସିର୍ ଅସୁସ୍ଥ ହୋଇ ଶିବର ମଧ୍ୟରେ ତଳେ ଶୋଇଥିଲା ଏବଂ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇ ଚାଲିଥିଲା । ଅବୁ ବସିର୍ ଆଁହଜରତ ସ.ଅଙ୍କ ପବିତ୍ର ପତ୍ରକୁ ଆଗ୍ରହ ସହକାରେ ନିଜ ହସ୍ତରେ ଧରିଥିଲେ ଏବଂ କିଛି ସମୟ ପରେ ସେହି ଅବସ୍ଥାରେ ହିଁ ନିଜର ପ୍ରାଣ ତ୍ୟାଗ କରିଦେଲେ ।" ଅବୁ ବସିର୍‌ଙ୍କ ବିୟୋଗ ହୋଇଗଲା ଏବଂ ଏତଦ୍‌ପରେ ଅବୁ ଜନ୍ଦଲ୍ ଓ ତା'ର ସାଥିମାନେ ନିଜର ଏହି ବୀର, ସାହସୀ ଅମୀର୍ (ସେନାପତି)କୁ ସିଫୁଲ୍ ବହର୍ ଠାରେ ହିଁ କବର ଦେଇଦେଲେ (ପୋତି ଦେଲେ) । ସେମାନେ ଅବୁ ବସିର୍‌କୁ କବର ଦେବା ପରେ ପ୍ରସନ୍ନ ଏବଂ ଦୁଃଖ ମିଶ୍ରିତ ଆବେଗ ସହିତ ଆଁହଜରତ ସ.ଅଙ୍କ ସେବାରେ ପହଞ୍ଚିଗଲେ । ଦୁଃଖ ଏଇଥି ପାଇଁ ଯେ, ସେମାନଙ୍କର ବୀର ଏବଂ ସାହସୀ ସେନାପତି ଅବୁ ବସିର ଯେକି ଉକ୍ତ ଘଟଣାର ମୁଖ୍ୟ ନାୟକ ଥିଲା ସେ ଆଁହଜରତ ସ.ଅଙ୍କ ପାଦକୁ ଚୁମ୍ବନ ଦେବାରୁ ବଞ୍ଚିତ ରହିଗଲା ଏବଂ ଆନନ୍ଦ ଏଇଥି ପାଇଁ ଯେ, ସେ ସ୍ୱୟଂ ନିଜର ପ୍ରିୟ ମୁନିବଙ୍କ ପାଦରେ ଆସି ପହଞ୍ଚିଗଲେ ଏବଂ କୁରୈଶ୍‌ମାନଙ୍କର ରକ୍ତାକ୍ତ ସଂଘର୍ଷରୁ ତାଙ୍କୁ ମୁକ୍ତି ମିଳିଲା ।" **(ସିରତ୍ ଖାତମୁନ୍ ନବୀୟିନ୍ ସ.ଅ, ଲେଖକ- ହ. ସାହିବ୍‌ଜାଦ୍ ମିର୍ଜାଶ ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-774-777)**

ଅଣମୁସଲମାନ ଇତିହସାବିତ୍‌ମାନେ ଅଭ୍ୟାସଗତ ଭାବରେ ଇତିହାସକୁ ଭାଙ୍ଗି ଏବଂ ବୁଲେଇ ଚୁଲେଇ ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରି ଥାଆନ୍ତି । ସୁଲାହ୍ ହୁଦୈବିୟାହ୍ ସଂକ୍ରାନ୍ତରେ ଖ୍ରୀଷ୍ଟ ଇତିହାସବିତ୍‌ମାନଙ୍କ ଆପତ୍ତିର ଚର୍ଚ୍ଚା ମଧ୍ୟ ମିଳେ। ଏଥି ସଂକ୍ରାନ୍ତରେ ହ. ମିର୍ଜା ବଶୀର ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, "ସମ୍ଭବତଃ ଆଁହଜରତ ସ.ଅଙ୍କ ଜୀବନୀର କୌଣସି ପ୍ରମୁଖ ଘଟଣା ଏପରି ନଥିଲା ଯାହା ଖ୍ରୀଷ୍ଟୀୟ ଇତିହାସବିତ୍‌ମାନେ ବିନା ଆପତ୍ତିରେ ଛାଡ଼ି ନାହାନ୍ତି ଏବଂ ସୁଲାହ୍ ହୁଦୈବିୟାହ୍‌ର ଘଟଣା ମଧ୍ୟ ଏହି ବ୍ୟାପକ ନିୟମ ଅନ୍ତର୍ଗତ ଆସେ । କେତେକ ପ୍ରାସଙ୍ଗିକ ଏବଂ ଅପ୍ରମୁଖ ଆପତ୍ତିକୁ ଅଣଦେଖା କରି ଖ୍ରୀଷ୍ଟିୟାନ ଲେଖକମାନେ ସୁଲାହ୍ ହୁଦୈବିୟାହ୍‌ର ସର୍ତ୍ତାବଳୀ ପ୍ରସଙ୍ଗରେ ଦୁଇଟି ଆପତ୍ତି ଉପସ୍ଥାପିତ କରିଛନ୍ତି । ସେହି 2ଟି ଆପତ୍ତି ହେଲା-

1- ଆଁହଜରତ ସ.ଅ ସୁଲାହ୍ ହୁଦୈବିୟହ୍‌ର ସର୍ତ୍ତାବଳୀ ମଧ୍ୟରୁ ମହିଳାମାନଙ୍କୁ ଭିନ୍ନ ତଥା ପୃଥକ ବୋଲି ବିବେଚିତେ କରିଛନ୍ତି । ଉକ୍ତ ସର୍ତ୍ତାବଳୀଗୁଡ଼ିକ ଚୁକ୍ତି ଅନୁଯାୟୀ ବୈଧ ନଥିଲା । କାରଣ ଚୁକ୍ତିର ଶବ୍ଦାବଳୀ ସର୍ବସାଧରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା, ତହିଁରେ ମହିଳା ଓ ପୁରୁଷମାନେ ଅନ୍ତର୍ଭୁକ୍ତ ଥିଲେ ।"

2- ଅବୁ ବସିର୍‌ର ଘଟଣା ପ୍ରସଙ୍ଗରେ ଆଁହଜରତ ସ.ଅ ଚୁକ୍ତିର ଆତ୍ମାକୁ କେବଳ ଭଙ୍ଗ କରି ନଥିଲେ ବରଂ ଅବୁ ବସିର୍‌କୁ ଉକ୍ତ ଇଙ୍ଗିତ କରି କହିଲେ ଯେ, ସେ ମକ୍କା ଯିବା ପରିବର୍ତ୍ତେ ଏକ ଭିନ୍ନ ଗୋଷ୍ଠୀ ଗଠନ କରି ନିଜର କାର୍ଯ୍ୟ ସମ୍ପାଦନ କରି ପାରିବ। ତେଣୁ ଆଁହଜରତ ସ.ଅ ଉକ୍ତ ଚୁକ୍ତିର ବିରୁଦ୍ଧାଚରଣ କଲେ ।

ଉପରୋକ୍ତ ଆପତ୍ତିର ଉତ୍ତରର ସର୍ବ ପ୍ରଥମ କଥା ଏହିକି ଯେ, ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଉକ୍ତ ସର୍ତ୍ତାବଳୀ ମକ୍କାର କୁରୈଶ୍‌ମାନଙ୍କ ସହିତ ହୋଇଥିଲା ଏବଂ ମକ୍କାର କୁରୈଶ୍‌ମାନେ ହେଉଛନ୍ତି ସେହି ଜାତିର ଯେଉଁମାନେ ଇସ୍‌ଲାମ୍ ଧର୍ମ ପ୍ରାରମ୍ଭ ହେବା ପୂର୍ବରୁ ହିଁ ଆଁହଜରତ ସ.ଅଙ୍କ ବିରୁଦ୍ଧରେ ବିରୋଧ ପ୍ରଦର୍ଶନ କରି ଆସୁଥିଲେ । ସେହିପରି ଯେତେବେଳ ଚୁକ୍ତି ସ୍ୱାକ୍ଷରିତ ହେଉଥିଲା ସେତେବେଳେ ମଧ୍ୟ ଆମେମାନେ ଏହା ଅବଲୋକନ କରୁ ଯେ, କୁରୈଶ୍‌ମାନଙ୍କର ଯେଉଁ ପ୍ରତିନିଧିମାନେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

**ତାଲିବେ ଦୁଆ:** Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

ରହିଥିଲେ ସେମାନେ କିପରି ସାମାନ୍ୟ କଥାରେ ଆଁହଜରତ ସ.ଅଙ୍କୁ ଅଟକାଉଥିଲେ। କିନ୍ତୁ ସେ ଯାହା ହେଉ କଥା କଥାକେ ଆପତ୍ତି କରିବା ଏବଂ ବ୍ୟଙ୍ଗ ବିଦ୍ରୂପ କରିବା ସେମାନଙ୍କର ଅଭ୍ୟାସ ଥିଲା । ସେମିତି ବି କହିବାକୁ ଗଲେ ସେହି ଜାତି କୌଣସି ଦୂର ଦୂରାନ୍ତର ଅଣଜାତି ବା ଅଣ ସଂପ୍ରଦାୟ ନଥିଲା ବରଂ ଆଁହଜରତ ସ.ଅଙ୍କର ନିଜ ଜାତି ଥିଲା । ସେହି ଜାତି ପରିସ୍ଥିତି ସଂକ୍ରାନ୍ତରେ ଭଲ ଭାବରେ ଅବଗତ ଥିଲେ। କୁରେଶ୍‌ମାନଙ୍କ ସହିତ ଯେଉଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ସେମାନେ ଆପଣା ଲୋକ ଥିଲେ । ସେମାନେ ଆଁହଜରତ ସ.ଅଙ୍କ ଜାତିର ହିଁ ଲୋକମାନେ ଥିଲେ । ସେମାନଙ୍କୁ ପ୍ରତ୍ୟେକ ପ୍ରସଙ୍ଗ ସଂକ୍ରାନ୍ତରେ ଜ୍ଞାତ ଥିଲା । ଅର୍ଥାତ୍ ସେମାନେ ପ୍ରତ୍ୟେକ ଅବସ୍ଥା ଏବଂ ପ୍ରସଙ୍ଗ ସଂପର୍କରେ ଜାଣିଥିଲେ । ସେମାନେ ବିସ୍ତୃତ ଭାବରେ ଚୁକ୍ତି ମଧ୍ୟ ସ୍ଥିର କରିଥିଲେ । ତେଣୁ ଏହା କହିବା କି ମହିଳା ଏବଂ ପୁରୁଷମାନେ ସାମିଲ୍ ନଥିଲେ । ବରଂ ସେମାନେ ଉକ୍ତ କଥା ଜାଣିଥିଲେ ଯେ, ମହିଳା ଏବଂ ପୁରୁଷମାନେ ସମସ୍ତେ ସାମିଲ୍ ଥିଲେ । ସେ ଯାହା ହେଉ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ପୁନଶ୍ଚ ଚୁକ୍ତିର ସର୍ତ୍ତାବଳୀର ସମସ୍ତ ବିବରଣୀ ଏବଂ ତାହାର ସବିଶେଷ ପୃଷ୍ଠଭୂମି ମଧ୍ୟ ସେମାନଙ୍କ ଚକ୍ଷୁ ସମ୍ମୁଖରେ ଥିଲା । ସୁତରାଂ ମକ୍କାର କୁରେଶ୍‌ମାନେ ଯେଉଁମାନଙ୍କ ସହିତ ମୁସଲମାନମାନେ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ସେହି କୁରେଶ୍‌ମାନେ ଆଁହଜରତ ସ.ଅଙ୍କ ଉକ୍ତ କୃତ୍ୟ ଉପରେ କୌଣସି ଆପତ୍ତି କଲେ ନାହିଁ ଏବଂ ଉକ୍ତ କୃତ୍ୟକୁ ଚୁକ୍ତିର ବିରୁଦ୍ଧାଚରଣ ବୋଲି ମନେକଲେ ନାହିଁ । ତେଣୁ 1300 ବର୍ଷ ପରେ ଆସିଥିବା ଲୋକମାନଙ୍କୁ ଯେଉଁମାନଙ୍କ ଚକ୍ଷୁରୁ ଅନେକ ଅଂଶମୂଳକ ବିସ୍ତୃତା ଲୁକ୍କାୟିତ୍ ରହିଛି। ସେହି ଲୋକମାନେ ଉକ୍ତ ଚୁକ୍ତିର ପୃଷ୍ଠଭୂମି ଉପରେ (ସଂକ୍ରାନ୍ତରେ) ମଧ୍ୟ ସଂପୂର୍ଣ୍ଣ ରୂପେ ଅବଗତ ନଥିଲେ । ତେଣୁ ଆପତ୍ତି କରିବାର ଅଧିକାର କିପରି ସୃଷ୍ଟି ହୋଇ ପାରିବ? ସେହି ଅବିଶ୍ୱାସକାରୀମାନେ ତ' ଆପତ୍ତି କଲେ ନାହିଁ । ଆଜିକାଲି ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରୁଥିବା ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ଆପତ୍ତି କରିଥାଆନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ପ୍ରସଙ୍ଗ ତ' ଏପରି ଯେପରିକି ଦାବିକର୍ତ୍ତା ଆଳସ୍ୟ ଏବଂ ସାକ୍ଷୀ ସକ୍ରିୟ ଅଟେ । ଯେଉଁମାନଙ୍କ ଉପରେ ଉକ୍ତ ସମସ୍ତ ଘଟଣା ଅତିକ୍ରାନ୍ତ ହେଲା ସେମାନେ ଉକ୍ତ ଘଟଣାକୁ ସଠିକ୍ ବୋଲି ବିବେଚିତ କରି ନିରବ ରୁହନ୍ତି । କିନ୍ତୁ 1300 ବର୍ଷ ପରେ ଆସୁଥିବା ଲୋକାମେନ ସଂପୂର୍ଣ୍ଣ ଆକାଶକୁ ନିଜ ମୁଣ୍ଡ ଉପରେ ଉଠାଇ ରଖିଛନ୍ତି (ଅର୍ଥାତ ବହୁତ ଉତ୍ପାତ କରୁଥିଲେ) ।

ଏପରି କେଉଁ କାରଣ ରହିଛି ଯେ, ମକ୍କାର ଅବିଶ୍ୱାସକାରୀମାନେ ଏବଂ ଆରବ ଦେଶର ଅନ୍ୟ ଅବିଶ୍ୱାସକାରୀମାନେ ଆଁହଜରତ ସ.ଅ ଏବଂ ଇସଲାମ୍ ଧର୍ମ ବିରୁଦ୍ଧରେ ଯେଉଁ ଆପତ୍ତି କରୁଥିଲେ ପବିତ୍ର କୁରଆନ୍ କରୀମ୍, ହଦିସ୍ (ଆଁହଜରତ ସ.ଅଙ୍କ ମୁଖ ନିଃସୃତ ବାଣୀ) ଏବଂ ଆରବ୍ୟ ଇତିହାସ ସେହି ସମସ୍ତ ଆପତ୍ତି ଦ୍ୱାରା ଭର୍ତ୍ତି ହୋଇ ରହିଛି ? କିନ୍ତୁ ଉକ୍ତ ଚର୍ଚ୍ଚା କୌଣସି ସ୍ଥାନରେ ହୋଇ ନାହିଁ ଯେ, ମୁସଲମାନମାନଙ୍କ ଉପରେ ସୁଲାହ୍ ହୁଦୈବିୟାହ୍‌ର ବିରୁଦ୍ଧାଚରଣ ସଂପର୍କରେ ଯେଉଁ ଦୋଷାରୋପ ଆରୋପଣ କରାଯାଇଥିଲା ତାହା ଦୀର୍ଘ କାଳ ପର୍ଯ୍ୟନ୍ତ କୌଣସି ଆପତ୍ତି କରାଯାଇ ନଥିଲା । ହେଲେ ଆଜି ସେମାନଙ୍କୁ ଜ୍ଞାତ ହେଉଛି ଯେ, ଆପତ୍ତି କର ।

ଏତଦ୍‌ଭିନ୍ନ ଉକ୍ତ କଥା ବଳିଷ୍ଠ ସାକ୍ଷ୍ୟ ଦ୍ୱାରା ସିଦ୍ଧ ଯେ, ସୁଲାହ୍ ହୁଦୈବିୟାହ୍ ପରେ ଯେତେବେଳେ ଆଁହଜରତ ସ.ଅ ରୋମ୍‌ର କୈସର୍ ଆଡ଼କୁ ପ୍ରଚାରିକ ପତ୍ର ପ୍ରେରଣ କଲେ ସେତେବେଳେ ଦୈବାତ୍ ଅବୁ ସୁଫିୟାନ୍ ମକ୍କାର ଅଧିପତି ମଧ୍ୟ ସିରୀୟା ଯାଇଥିଲା । ରୋମର ସମ୍ରାଟ୍ ହିର୍କଲ୍ ଅବୁ ଜହଲ୍‌କୁ ନିଜ ଦରବାରରେ ଡକାଇ ଆଁହଜରତ ସ.ଅଙ୍କ ସଂକ୍ରାନ୍ତରେ କେତେକ ପ୍ରଶ୍ନ ପଚାରିଲା । ସେହି ପ୍ରଶ୍ନ ମଧ୍ୟରୁ ଗୋଟିଏ ପ୍ରଶ୍ନ ଏହା ମଧ୍ୟ ଥିଲା ଯେ, ହିର୍କଲ୍ ଅବୁ ଜହଲ୍‌କୁ ପ୍ରଶ୍ନ କଲା ଯେ, "ହେ ଅବୁ ଜହଲ୍ ! ତୁମ ଜାତିର ଉକ୍ତ ଅବତାରତ୍ୱର ଦାବିକାରୀ ବ୍ୟକ୍ତି କେବେ ତୁମ ଚୁକ୍ତିର ଖିଲାଫକାରୀ ବା ବିରୁଦ୍ଧାଚରଣ କରିଛି କି ? ଉକ୍ତ ପ୍ରଶ୍ନର ଉତ୍ତରରେ ଅବୁ ସୁଫିୟାନ୍ ଯେକି ସେତେବେଳେ ଅବିଶ୍ୱାସକାରୀଙ୍କର ମୁଖ୍ୟ ଅଧିପତି ଥିଲା ଏବଂ ଇସ୍‌ଲାମ୍ ଧର୍ମର ପରମ ଶତ୍ରୁ ଥିଲା ସେ ଯେଉଁ ଶବ୍ଦଗୁଡ଼ିକ କହିଥିଲା...........ତାହା ଏହିପରି ଯେ, "ନା । ମୁହମ୍ମଦ ସ.ଅ କେବେ ବି କୌଣସି ଚୁକ୍ତିର ଖିଲାଫକାରୀ (ବିରୁଦ୍ଧାଚରଣ) ପ୍ରଦର୍ଶନ କରି ନାହାନ୍ତି । ହଁ ଆଜିକାଲି ତା' (ମୁହମ୍ମଦ ସ.ଅଙ୍କ) ସହିତ ଆମ ଚୁକ୍ତିର ଅବଧି ଜାରି ରହିଛି । ତେଣୁ ମୁଁ କହି ପାରିବି ନାହିଁ ଯେ, ଉକ୍ତ ଚୁକ୍ତିର ପରିସମାପ୍ତି ପର୍ଯ୍ୟନ୍ତ ତା' ପକ୍ଷରୁ କେଉଁ ପ୍ରସଙ୍ଗ ପ୍ରକଟିତ ହେବ ? ଅବୁ ସୁଫିୟାନ୍ କହିଲା, ଉକ୍ତ ସମସ୍ତ କଥୋପକଥନ ମୋ ନିମନ୍ତେ ଉକ୍ତ ପଙ୍କ୍ତିକୁ ଅଭିବୃଦ୍ଧି କରିଦେବା ବ୍ୟତୀତ ଅନ୍ୟ କୌଣସି ସୁଯୋଗ ନଥିଲା ଯେ, ମୁଁ ଆପଣ ସ.ଅଙ୍କ ବିରୁଦ୍ଧରେ ହିର୍କଲ୍ ସମ୍ରାଟ୍‌ର ହୃଦୟରେ କୌଣସି ସମ୍ଭାବ୍ୟ ସନ୍ଦେହ ସୃଷ୍ଟିକରି ପାରିବି।"

ଅବୁ ସୁଫିୟାନ୍ ଓ ହିର୍କଲ୍‌ର ଉକ୍ତ କଥୋକଥନ ସୁଲାହ୍ ହୁଦୈବିୟାହ୍ ପରେ ତୁରନ୍ତ ହୋଇ ନଥିଲା । ବରଂ ଆଁହଜରତ ସ.ଅଙ୍କ ପକ୍ଷରୁ ହିର୍କଲ୍ ନାମରେ ଏକ ପ୍ରଚାରିକ ପତ୍ର ପ୍ରସ୍ତୁତ କରି ପ୍ରେରଣ କରିବା ଏବଂ ପୁନଶ୍ଚ ସେହି ପତ୍ର ହିର୍କଲ୍ ପର୍ଯ୍ୟନ୍ତ ପହଞ୍ଚିବା ଓ ହିର୍କଲ୍‌ର ଦରବାରର ଅନୁଷ୍ଠିତ କରିବା, ଅବୁ ସୁଫିୟାନ୍‌କୁ ଖୋଜି ନିଜ ଦରବାରରେ ଡକାଇବା ଇତ୍ୟାଦି କାର୍ଯ୍ୟ ନିଶ୍ଚିତ ରୂପେ ସମୟ ଲାଗିଥିବ । କାରଣ ସେହି କାଳରେ ଯାତ୍ରା କରିବା ସହଜ ସାଧ୍ୟ କାର୍ଯ୍ୟ ନଥିଲା । ଉକ୍ତ କଥା ସଂପର୍କରେ ଏହା କଳନା କାରଯାଇ ପାରିବ ଯେ, ଅବୁ ବସିର୍ ମଦିନାକୁ ଖସି ପଳାଇ ଆସିବା ଏବଂ ଉମ୍ମେ କୁଲସୁମ୍ ଆଦି ମହିଳାମାନଙ୍କର ମକ୍କାରୁ ବାହାରି ମଦିନା ପହଞ୍ଚି ଯିବାର ଘଟଣା ହୋଇ ସାରିଥିବ । ଅତଃ ସମସ୍ତ ଇତିହାସବିତ୍‌ମାନେ ଅବୁ ବସିର୍ ଏବଂ ଉମ୍ମେ କୁଲସୁମ୍‌ଙ୍କ ଘଟଣାକୁ ପ୍ରଥମ ଏବଂ କୈସରେ ରୋମ୍‌ର ପତ୍ର ସଂପର୍କିତ ଘଟଣାକୁ ଏହା ପରବର୍ତ୍ତୀ ଘଟଣା ବୋଲି ବର୍ଣ୍ଣନା କରନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ଅବୁ ସୁଫିୟାନ୍ ହିର୍କଲ୍‌ର ରାଜ ଦରବାରରେ ଆଁହଜରତ୍ ସ.ଅଙ୍କ ବିରୁଦ୍ଧରେ ଅଙ୍ଗୀକାର ଭଙ୍ଗର ଆରୋପ ଲଗାଇ ପାରିଲା ନାହିଁ । କିନ୍ତୁ ତା'ର ଶବ୍ଦ ଏହା ସୂଚାଏ ଯେ, ଅବୁ ସୁଫିୟାନ୍‌ର ଏହି ଇଚ୍ଛା ଏବଂ ଅଭିଳାଷା ରହିଥିଲା ଯେ, ଯଦି କୌଣସି ବ୍ୟକ୍ତି ହସ୍ତ ଧରି ପାରିଲା ତେବେ ମୁଁ ସଂକୋଚ ବୋଧ କରିବି ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ 1300 ବର୍ଷ ପରେ ସୃଷ୍ଟି ହୋଇଥିବା ସମାଲୋଚନା ଆଁହଜରତ ସ.ଅଙ୍କ ଉପରେ ଶପଥ ଭଙ୍ଗର ଦୋଷାରୋପଣ କରି ଈଶ୍ୱରଙ୍କୁ ଭୟ କରନ୍ତି ନାହିଁ । ତେଣୁ ଉକ୍ତ ପ୍ରସଙ୍ଗ ଅତ୍ୟନ୍ତ ଦୁଃଖ ଓ ପରିତାପପର ବିଷୟ ଅଟେ ।

ପୁନଶ୍ଚ ଆମେମାନେ ଯଦି ସେହି ଆପତ୍ତିର ବ୍ୟାପକାତକୁ ଯଦି ଯିବା ତେବେ ସେମାନଙ୍କର ଦୁର୍ବଳତା ଏବଂ କାପୁରୁଷତା ଆହୁରି ସ୍ପଷ୍ଟ ରୂପେ ବାରି ହୋଇପଡ଼େ । ଉଦାହରଣ ସ୍ୱରୂପ ପ୍ରଥମ ଆପତ୍ତି ଏହିକି ଯେ, ବାସ୍ତବରେ ମହିଳା ଏବଂ ପୁରୁଷମାନେ ଦୁହେଁ ଚୁକ୍ତିରେ ସାମିଲ୍ ଥିଲେ । କିନ୍ତୁ ଆଁହଜରତ ସ.ଅ ବଳପୂର୍ବକ ମହିଳାମାନଙ୍କ ଠାରୁ କାମ ଆଦାୟ କରି ସେମାନଙ୍କୁ ତହିଁରୁ ପୃଥକ୍ ବୋଲି ବିବେଚିତ କରିଦେଲେ। କିନ୍ତୁ ଯେପରିକି ମୁଁ ବର୍ଣ୍ଣନା କରି ସାରିଛି ଯେ, "ଏଠାରେ ଏହା ବର୍ଣ୍ଣିତ ହୋଇଛି ଯେ, ଉକ୍ତ ଆପତ୍ତି ସଂପୂର୍ଣ୍ଣ ରୂପେ ଭୁଲ୍ ଏବଂ ଭିତ୍ତିହୀନ ଅଟେ । କାରଣ ଚୁକ୍ତିର ସେହି ଶବ୍ଦ ଯାହାକି ସଠିକ୍ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ତହିଁରେ ସ୍ପଷ୍ଟ ରୂପେ ଏହା ବର୍ଣ୍ଣିତ ହୋଇଛି ଯେ, ଚୁକ୍ତିରେ କେବଳ ପୁରୁଷମାନେ ଯଥାର୍ଥ ଅଟନ୍ତି । ନା କି ମହିଳା ଓ ପୁରୁଷ ଉଭୟେ ଯଥାର୍ଥ ଅଟନ୍ତି ସୁତରାଂ ଯେପରିକି ଏହା ପୂର୍ବେ ବର୍ଣ୍ଣିତ ହୋଇଛି ଯେ, ସହି (ସଠିକ୍) ବୁଖାରୀରେ ଏହି ଶବ୍ଦ ବର୍ଣ୍ଣିତ ହୋଇଛି ଯେ, لَا يَأْتِيكَ مِنَّا رَجُلٌ وَإِنْ كَانَ عَلَى دِينِكَ إِلَّا رَدَدْتَهُ إِلَيْنَا ଅର୍ଥାତ୍ ଆମେମାନଙ୍କ ମଧ୍ୟରୁ ଯେଉଁ ପୁରୁଷ ବ୍ୟକ୍ତି ବି ଆପଣଙ୍କ ପାଖକୁ ଯିବ ସେ ପଛେ ମୁସଲମାନ ହେଉ ପଛେ ସେହି ବ୍ୟକ୍ତିକୁ ଆମକୁ ଫେରସ୍ତ (ପ୍ରତ୍ୟର୍ପଣ) କରିଦିଆଯିବ ।"

ଉପରୋକ୍ତ ସ୍ପଷ୍ଟ ଏବଂ ଅସନ୍ଦେହାସ୍ପଦ ଶବ୍ଦର ଉଲ୍ଲେଖ ଥିବା ସତ୍ତ୍ୱେ ଏହି ଆପତ୍ତି କରିବା କି ବାସ୍ତବରେ ଚୁକ୍ତିରେ ମହିଳା ଏବଂ ପୁରୁଷ ଉଭୟେ ଯଥାର୍ଥ ଥିଲେ ଏପରି କହିବାର ଅନ୍ୟାୟ ନୁହେଁ ବରଂ ଅତ୍ୟନ୍ତ ଶୋଚନୀୟ ବେଇମାନୀ (ବିଶ୍ୱାସଘାତକତା) ଅଟେ । ଯଦି ଏହା କୁହାଯାଏ କି ଇତିହାସର କେତେକ ବର୍ଣ୍ଣନାମାନଙ୍କରେ ଚୁକ୍ତିର ଶବ୍ଦରେ ରଜୁଲ୍ (ପୁରୁଷ) ଶବ୍ଦର ଚର୍ଚ୍ଚା ହୋଇ ନାହିଁ ବରଂ ସାଧାରଣ ଶବ୍ଦ ବ୍ୟବହୃତ ହୋଇଛି । ତହିଁରୁ ମହିଳା ଓ ପୁରୁଷ ଉଭୟେ ଅନ୍ତର୍ଭୁକ୍ତ ବୋଲି ମନେ ହୁଅନ୍ତି । ତେବେ ଉକ୍ତ ଆପତ୍ତିର ଏହା ଉତ୍ତର ଯେ, ପ୍ରଥମତଃ ବଳିଷ୍ଠ ବର୍ଣ୍ଣନାକୁ ହିଁ ପ୍ରାଧାନ୍ୟ ଦିଆଯିବ । ଯେତେବେଳେ ସଠିକ୍ ବର୍ଣ୍ଣନାମାନଙ୍କରେ ରଜୁଲ୍ (ପୁରୁଷ) ଶବ୍ଦ ଆସେ ସେତେବେଳେ ସେହି ଶବ୍ଦକୁ ଅବଶ୍ୟ ସଠିକ ବୋଲି ବିବେଚନା କରାଯିବ। ଏତଦ୍‌ଭିନ୍ନ ଯେଉଁ ଶବ୍ଦ ଐତିହାସିକ ବର୍ଣ୍ଣନାରେ ଉଲ୍ଲିଖିତ ଏବଂ ବର୍ଣ୍ଣିତ ହୋଇଛି ତାହାକୁ ଯଦି ବିଚାରଯୋଗ୍ୟ ଏବଂ ବିଚାର ପରିସରଭୁକ୍ତ କରାଯାଏ ତେବେ ଏହା ସେହି ବ୍ୟାଖ୍ୟାର ଅଧିକାରୀ ଅଟନ୍ତି ଯାହା ଆମେ ଉପରୋକ୍ତରେ ବର୍ଣ୍ଣିତ ହୋଇଛି:- مَنْ أَتَى مُحَمَّدًا مِنْ قُرَيْشٍ بِغَيْرِ إِذْنِ وَلِيِّهِ رَدَّهُ عَلَيْهِمْ ଅର୍ଥାତ୍ କୁରେଶମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ମୁହମ୍ମଦ୍ (ସ.ଅ) ଙ୍କ ନିକଟକୁ ନିଜର ଅଭିଭାବକଙ୍କ ବିନା ଅନୁମତିରେ ଆସି ପହଞ୍ଚିବ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତିକୁ କୁରୈଶ୍‌ଙ୍କୁ ପୁନଃ ହସ୍ତାନ୍ତର କରିଦିଆଯିବ ।

ଆରବୀ ଭାଷାରେ ଉପରୋକ୍ତ ଶବ୍ଦରେ ନିଃସନ୍ଦେହ ରୂପେ "ରଜୁଲ୍" ଶବ୍ଦ ସ୍ପଷ୍ଟ ରୂପେ ବର୍ଣ୍ଣିତ ହୋଇ ନାହିଁ । କିନ୍ତୁ ଆରବୀ ଭାଷାର ପ୍ରାରମ୍ଭିକ ଜ୍ଞାନ ରଖୁଥିବା ବ୍ୟକ୍ତି ମଧ୍ୟ ଏକଥା ଜାଣେ ଯେ, ଆରବୀ ଭାଷାରେ ଅନ୍ୟ ଭାଷା ବିପରୀତ ମହିଳା ଏବଂ ପୁରୁଷମାନଙ୍କ ନିମନ୍ତେ ପୃଥକ୍ ପୃଥକ୍ ଲିଙ୍ଗ, ବଚନ ବ୍ୟବହୃତ ହୋଇଥାଏ ।

**ହଦିସେ ନବୱୀ ସ.ଅ.ସ :-**

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାହଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ଉପରୋକ୍ତ ପଂକ୍ତିରେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପୁରୁଷ ଲିଂଗ ଏବଂ ପୁରୁଷ ବଚନ ବ୍ୟବହୃତ ହୋଇଛି । ସୁତରାଂ ଯେପରିକି ଚୁକ୍ତିର ଭାଷାର ବ୍ୟାଖ୍ୟାର ଏହି ନିୟମ ରହିଛି ତେଣୁ ଅନିବାର୍ଯ୍ୟ ରୂପେ ଉକ୍ତ ପଂକ୍ତିରେ କେବଳ ପୁରୁଷ ହିଁ ଯଥାର୍ଥ ଅଟନ୍ତି। ମହିଳା ଓ ପୁରୁଷ ଉଭୟ ଯଥାର୍ଥ ନୁହନ୍ତି । ନିଃସନ୍ଦେହ ବେଳେବେଳେ ସାଧାରଣ ଆପ୍ତ ବାକ୍ୟରେ ପୁରୁଷ ବଚନ କହି ତହିଁରୁ ମହିଳା ଏବଂ ପୁରୁଷ ଉଭୟ ଯଥାର୍ଥ ନିଆଯାଇଥାଏ । କିନ୍ତୁ ପ୍ରକାଶ୍ୟ ଯେ, ଉପରୋକ୍ତ ଯୁକ୍ତିତର୍କମୂଳକ ବାକ୍ୟ ଏହି ପ୍ରକାରର ପଂକ୍ତି ନୁହେଁ ବରଂ ଚୁକ୍ତିର ପଂକ୍ତି ରହିଛି । ଏହି ପଂକ୍ତିକୁ ଆଇନର ମର୍ଯ୍ୟାଦା ନୁହେଁ ବରଂ ଏହାଠୁ ବି ଉର୍ଦ୍ଧ୍ୱ ମର୍ଯ୍ୟାଦା ପ୍ରାପ୍ତ ହୋଇଛି । କାରଣ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ଭାବି ଚିନ୍ତି ରଖାଯାଇଥାଏ ଏବଂ ଶବ୍ଦ ଚୟନ ଉଭୟ ଗୋଷ୍ଠୀଙ୍କ ଜେରା ଏବଂ ସ୍ୱୀକୃତି ପରେ ଯାଇ ହୋଇଥାଏ । ଅତଏବ୍ ଏପରି ବାକ୍ୟରେ ଅନିର୍ବାର୍ଯ୍ୟ ରୂପେ ସେହି ଅର୍ଥକୁ ହିଁ ଗ୍ରହଣ କରାଯିବ ଯାହା ସୀମିତ ଏବଂ ବିଶିଷ୍ଟ ପକ୍ଷର ଅଧିକାରୀ ହୋଇଥିବ ।

ହୁଜୁର ଅନ୍ୱର ଅ.ବ କହିଲେ, ଜେରାର ଘଟଣା ଓ ତା'ର ସବିଶେଷ ବିବରଣୀ ସଂକ୍ରାନ୍ତରେ ଆପଣମାନେ ବିଗତ ଖୁତ୍‌ବାରେ ଶୁଣା ସାରିଛନ୍ତି । କିପରି ବିସ୍ତୃତ ଭାବରେ ଅବିଶ୍ୱାସକାରୀଙ୍କର ପ୍ରତିନିଧିମାନେ ଜେରା କରିଥିଲେ । ଅତଏବ୍ ଏହି ଦୃଷ୍ଟିରୁ ଏହି ପରିଣାମ ବାହାରିଥାଏ ଯେ, ଉକ୍ତ ଚୁକ୍ତିରେ କେବଳ ପୁରୁଷମାନେ ଅନ୍ତର୍ଭୁକ୍ତ ଥିଲେ । ମହିଳା ଓ ପୁରୁଷ ଉଭୟ ଅନଭୁକ୍ତ ନଥିଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ଏତଦ୍‌ଭିନ୍ନ ଯେପରିକି ଉପରୋକ୍ତରେ ଏହା କୁହାଯାଇ ସାରିଛି ଯେ, ମହିଳା ଦୁର୍ବଳ ସ୍ୱଭାବର ଅଧିକାରୀ ଅଟେ । ମହିଳା ସାଧାରଣତଃ ନିଜର ସ୍ୱାମୀ କିମ୍ବା ପୁରୁଷ ସଂପର୍କୀୟଙ୍କ ଦୟାରେ ଚଳନ୍ତି । ମହିଳାକୁ ଫେରସ୍ତ (ପ୍ରତ୍ୟର୍ପଣ) କରିବାର ଅର୍ଥ ଏହା ଥିଲା ଯେ, ମହିଳାକୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ପୁନଶ୍ଚ ନିଜ ହସ୍ତରୁ ଅବିଶ୍ୱାସ ଏବଂ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଆଡ଼କୁ ଫେରସ୍ତ କରିଦିଆଯାଏ ତେବେ ଏହା ଦୟା, କରୁଣା ଠାରୁ ବହିର୍ଭୂତ ଏବଂ ଦୂର ନଥିଲା ବରଂ ନ୍ୟାୟର ଆବେଗ ଠାରୁ ମଧ୍ୟ ବହୁ ଦୂରରେ ରହିଥିଲା । ନିଃସନ୍ଦେହ ଜଣେ ପୁରୁଷକୁ ଫେରସ୍ତ କରିବା ଦ୍ୱାରା ମଧ୍ୟ ପୁରୁଷ ପକ୍ଷେ ଏକ ପ୍ରକାରର ବିପଦ ରହିଥିଲା । କାରଣ ମକ୍କାର ଅବିଶ୍ୱାସକାରୀମାନେ ସେହି ପୁରୁଷ ବ୍ୟକ୍ତିକୁ ନାନା ପ୍ରକାରର ନିର୍ଯାତନା, ଦୁଃଖ ଏବଂ ଶାସ୍ତି ପ୍ରଦାନ କରିବେ। କିନ୍ତୁ ପୁରୁଷ ପୁରୁଷ ଅଟେ। କେବଳ ପୁରୁଷମାନଙ୍କ ଠାରେ ହିଁ ଦୁଃଖ କଷ୍ଟକୁ ଅଧିକ ସହ୍ୟ କରିବାର କ୍ଷମତା ନଥାଏ ବରଂ ଆବଶ୍ୟକତାନୁଯାୟୀ ଏଣେତେଣେ ଲୁଚି କିମ୍ବା ପଳାୟନ କରି କିମ୍ବା ଗୋଷ୍ଠୀ ତଥା ସଂଘ ତିଆରି କରି ନିଜର ଆତ୍ମ ରକ୍ଷା ନିମନ୍ତେ ଅନେକ ପ୍ରକାରର ମାର୍ଗ ମଧ୍ୟ ଉନ୍ମୁକ୍ତ କରିପାରେ । ଯେପରିକି ଅବୁ ବସିର୍ କରିଥିଲେ । କିନ୍ତୁ ଜଣେ ନିଃସହାୟ ମହିଳା କ'ଣ ବା କରିପାରିବ ? ମହିଳା ନିମନ୍ତେ ଏଭଳି ପରିସ୍ଥିତିରେ ଇସ୍‌ଲାମ୍ ଧର୍ମକୁ ବଳପୂର୍ବକ ପରିତ୍ୟାଗ କରିବାର ବିକଳ୍ପ ରହିଥିଲା ଅବା ମୃତ୍ୟୁର ବିକଳ୍ପ ରହିଥିଲା । ଏସବୁ ପରିସ୍ଥିତି ସତ୍ତ୍ୱେ ଆଁହଜରତ ସ.ଅଙ୍କ ପରି ଦୟା ତଥା କରୁଣାମୂଳକ ଅସ୍ତିତ୍ୱ ଠାରୁ ଏହା ବହୁ ଦୂରରେ ଅର୍ଥାତ୍ ଅସମ୍ଭବ ଥିଲା କି ଅସହାୟ ମୁସଲମାନ ମହିଳାମାନଙ୍କୁ ଅତ୍ୟାଚାରୀ ଅବିଶ୍ୱାସକାରୀଙ୍କ ଆଡ଼କୁ ଫେରଆଇ ଦେଇ ଥାଆନ୍ତି । ତେଣୁ ଯାହା କିଛି କରାଗଲା ତାହା କେବଳ ଚୁକ୍ତିର ଶବ୍ଦ ଅନୁଯାୟୀ ସଂପୂର୍ଣ୍ଣ ରୂପେ ସଠିକ୍ ଏବଂ ଯୁକ୍ତିଯୁକ୍ତ ନଥିଲା ବରଂ ନ୍ୟାୟ, ବିଚାର, ଦୟା ଓ କରୁଣାର ସ୍ୱୀକୃତ ନୀତି ଦୃଷ୍ଟିରୁ ମଧ୍ୟ ଉପଯୁକ୍ତ ଥିଲା । ଆପତ୍ତିକାରୀମାନଙ୍କ ଭାଗ୍ୟରେ ଉକ୍ତ ପରିତାପ ଏବଂ ଲଜ୍ଜା ବ୍ୟତୀତ ହାଉ କିଛି ବି ଆସିଲା ନାହିଁ । ସେ ଅତ୍ୟାଚାରୀ ଏବଂ ଅସହାୟ ମହିଳାମାନଙ୍କର ସୁରକ୍ଷା ବ୍ୟବସ୍ଥା ସଂପର୍କରେ ମଧ୍ୟ ତୁଣ୍ଡରୁ ବ୍ୟଙ୍ଗ ବିଦ୍ରୂପ କରିବାରୁ ମଧ୍ୟ ପଛ ଘୁଞ୍ଚା ଦେଲେ ନାହିଁ ।

ଦ୍ୱିତୀୟ ଆପତ୍ତି ଅବୁ ବସିର୍‌ର ଘଟଣା ସହିତ ସଂପର୍କିତ ଥିଲା । କିନ୍ତୁ ଧ୍ୟାନପୂର୍ବକ ଯଦି ଉକ୍ତ ଘଟଣାକୁ ଅନୁଧ୍ୟାନ କରାଯାଏ ତେବେ ଉକ୍ତ ଆପତ୍ତି ମଧ୍ୟ ଦୁର୍ବଳ ସାବ୍ୟସ୍ତ ହୋଇଥାଏ । ନିଃସନ୍ଦେହ ଆଁହଜରତ ସ.ଅ ଉକ୍ତ ଚୁକ୍ତି ସ୍ୱାକ୍ଷରିତ କରିଥିଲେ ଯେ, ମକ୍କାର ଅବିଶ୍ୱାସକାରୀମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଅର୍ଥାତ୍ ପୁରୁଷ ବ୍ୟକ୍ତି ମଦିନାକୁ ପଳାୟନ କରି ଚାଲି ଆସେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ମୁସଲମାନ ହିଁ ହେଉ ପଛେ ସେହି ବ୍ୟକ୍ତିକୁ ମଦିନାରେ ଆଶ୍ରୟ ପ୍ରଦାନ କରାଯିବ ନାହିଁ ଏବଂ ତା'କୁ ଫେରସ୍ତ କିରି ଦିଆଯିବ । କିନ୍ତୁ ପ୍ରଶ୍ନ ଏହିକି ଯେ, କ'ଣ ଆଁହଜରତ ସ.ଅ ଉକ୍ତ ଚୁକ୍ତିର ବିରୁଦ୍ଧାଚରଣ କଲେ ? କଦାପି ନୁହଁ । ବରଂ ଆପଣ ସ.ଅ ଉକ୍ତ ଚୁକ୍ତିର ବିଶ୍ୱସନୀୟତାର ଏପରି ପୂର୍ଣ୍ଣ ଏବଂ ଭବ୍ୟ ଉଦାହରଣ ପ୍ରଦର୍ଶନ କଲେ ଯେ, ସଂସାର ତା'ର ଦୃଷ୍ଟାନ୍ତ ଉପାସ୍ଥାପିତ କରିବାକୁ ଅସାମର୍ଥ୍ୟତା ପ୍ରକାଶ କରେ । ବିଚାର କର ଏବଂ ଦେଖ ଯେ, ଅବୁ ବସିର୍ ଇସ୍‌ଲାମୀୟ ସତ୍ୟତାର ସ୍ୱୀକାରୋକ୍ତି ପ୍ରକାଶକ ତଥା ପ୍ରଶଂସକ ହୋଇ ମକ୍କା ପଳାୟନ କରେ । ଅବିଶ୍ୱାସକାରୀ ଅତ୍ୟାଚାରରୁ ସୁରକ୍ଷିତ ହେବା ଏବଂ ନିଜର ବିଶ୍ୱାସକୁ ସୁରକ୍ଷିତ କରିବା ନିମନ୍ତେ ଲୁଚି ଲୁଚି ମଦିନାରେ ପହଞ୍ଚି ଯାଏ । କିନ୍ତୁ ତା'ର ଅତ୍ୟାଚାରୀ ସଂପର୍କୀୟମାନେ ମଧ୍ୟ ତା' ପଛେ ପଛେ ଆସି ପହଞ୍ଚି ଯାଆନ୍ତି ଏବଂ ତା'କୁ ଖଡ଼୍‌ଗ ମୁନରେ ଇସ୍‌ଲାମ୍ ଧର୍ମର ସତ୍ୟତା ଠାରୁ ବିଚ୍ୟୁତ (ଓହରି) ଏବଂ ବିମୁଖ କରିବା ନିମନ୍ତେ ବାଧ୍ୟତାମୂଳକ ଫେରାଇ ନେଇ ଯିବାକୁ ଚାହାନ୍ତି ।

ଉକ୍ତ କଥା ଶୁଣି ଏହି ଦୁଇ ଗୋଷ୍ଠୀ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୁଅନ୍ତି। ଅବୁ ବସିର୍ ଚାପା ସ୍ୱରରେ ଏବଂ ଚାପା କଣ୍ଠରେ ଭୟଭୀତ ଶୈଳୀରେ କୁହେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ମୋତେ ଇସ୍‌ଲାମ୍ ଧର୍ମର ପୁରସ୍କାର ଦ୍ୱାରା ପୁରସ୍କୃତ କରିଛନ୍ତି ଏବଂ ମକ୍କା ଫେରିଯିବାରେ ଯେଉଁ ଦୁଃଖ ଓ ସଂକଟାପନ୍ନ ଜୀବନ ମୋ ସମ୍ମୁଖରେ ରହିଛି ତାହା ଆପଣ ଜାଣନ୍ତି । ଈଶ୍ୱରଙ୍କ ପାଇଁ ମୋତେ ଫେରସ୍ତ (ପ୍ରତ୍ୟର୍ପଣ) ଅର୍ଥାତ୍ ଅବିଶ୍ୱାସକାରୀଙ୍କୁ ହସ୍ତାନ୍ତର କରନ୍ତୁ ନାହିଁ। କିନ୍ତୁ ଏହାର ବିପରୀତ ଅବୁ ବସିର୍‌ର ଆତ୍ମୀୟ ସ୍ୱଜନ ଏବଂ ସଂପର୍କୀୟମାନେ ଆଁହଜରତ ସ.ଅଙ୍କ ନିକଟରେ ଏହି ଦାବି କରନ୍ତି ଯେ, ହେ ମୁହମ୍ମଦ୍ (ସ.ଅ) ! ଆପଣ ସ.ଅଙ୍କ ଏବଂ ଆମ ମଧ୍ୟରେ ଚୁକ୍ତି ହୋଇଛି ଯେ, ଯେଉଁ ବ୍ୟକ୍ତି ବି ମଦିନାକୁ ଆସିବ ଆପଣ ତା'କୁ ଫେରସ୍ତ କରିଦେବେ । ସେହି ବ୍ୟକ୍ତିକୁ ଫେରସ୍ତ (ପ୍ରତ୍ୟର୍ପଣ) କରି ଦିଆଯିବ। ଅବୁ ବସିର୍‌ର ଦୁଃଖ  ଏବଂ ନିଜ ସାହାବାମାନଙ୍କର ସ୍ୱାଭିମାନ ଆପଣ ସ.ଅଙ୍କ ସମ୍ମୁଖରେ ରହିଛି" (ସ.ଅ) ଓ ସ୍ୱୟଂ ଆପଣ ସ.ଅଙ୍କ ନିଜସ୍ୱ ଭାବାବେଗ ଆପଣ ସ.ଅଙ୍କ ହୃଦୟରେ ଏକ ଜୁଆର ଓ ଭଟ୍ଟା ସୃଷ୍ଟି କରୁଛି ।" ଅତ୍ୟନ୍ତ ଗଭୀର ଭାବରେ ଆପଣ ସ.ଅ ମର୍ମାହତ ହୋଇ ପଡ଼ିଥିଲେ ଆପଣ ସ.ଅ । କିନ୍ତୁ ବିଶ୍ୱସ୍ତତା ଏବଂ ସନ୍ତକରକ୍ଷକର ପ୍ରତୀକ ହ. ମୁହମ୍ମଦ ସ.ଅ ନିଜର ଶପଥ ଉପରେ ଚଟ୍ଟାଣ ପରି ଦୃଢନିଶ୍ଚଳ ରହି କିଭଳି ପ୍ରିୟ ଶବ୍ଦରେ କୁହନ୍ତି: "ହେ ଅବୁ ବସିର୍ ! ତୁମେ ଜାଣ ଯେ, ଆମେମାନେ ସେହି ଲୋକଙ୍କ ସହିତ ଚୁକ୍ତି ସ୍ୱାକ୍ଷରିତ ତଥା ଅଙ୍ଗୀକାର କରି ସାରିଛୁ ଏବଂ ଆମ ଧର୍ମରେ ଶପଥ ଭଙ୍ଗ ଏବଂ ଚୁକ୍ତିର ବିରୁଦ୍ଧାଚରଣ କରିବା କଦାପି ବୈଧ ନୁହେଁ ।" ବର୍ତ୍ତମାନ ଆମେମାନେ ଯେଉଁ ଛୋଟ ଛୋଟ ଶପଥକୁ ଭଙ୍ଗ କରିଦେଉଛୁ ଆମମାନଙ୍କୁ ବିଚାର କରିବା ଉଚିତ୍ ଯେ, ଆମମାନଙ୍କର ବିଶ୍ୱାସିକ ଅବସ୍ଥା ଏବଂ ସ୍ତର କିପରି ରହିଛି ? ଆପଣ ସ.ଅ ପୁନଶ୍ଚ କହିଲେ, "ଅତଏବ୍ ତୁମେମାନେ ସେହି ଲୋକମାନଙ୍କ ସହିତ ଚାଲିଯାଅ । ପୁନଶ୍ଚ ତୁମେମାନେ ଯଦି ଧୈର୍ଯ୍ୟ ଓ ଅବିଚଳତାର ସହିତ ଇସ୍‌ଲାମ୍ ଧର୍ମ ଉପରେ ପ୍ରତିଷ୍ଠିତ ରହିବ ତେବେ ଈଶ୍ୱର ତୁମ ସକାଶେ ଏବଂ ତୁମ ଭଳି ଅନ୍ୟ ଅସହାୟ ମୁସଲମାନମାନଙ୍କ ନିମନ୍ତେ ସ୍ୱୟଂ କୌଣସି ନା କୌଣସି ମାର୍ଗ ଅବଶ୍ୟ ଉନ୍ମୁକ୍ତ (ଖୋଲି) କରି ଦେବେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହି ମୁକ୍ତିର ମାର୍ଗ ଆମେମାନେ ଦେଖିଲୁ ଯେ, କିପରି ଉନ୍ମୁକ୍ତ (ଖୋଲିଗଲା) ହୋଇଗଲା ? ଆଁହଜରତ ସ.ଅଙ୍କ ଉକ୍ତ ଆଦେଶ ଉପରେ କାର୍ଯ୍ୟକାରୀ କରି ଅବୁ ବସିର୍ ମକ୍କାବାସୀଙ୍କ ସହିତ ଫେରିଗଲା ଏବଂ ମକ୍କାର ମାର୍ଗରେ ସେ ଯେତେବେଳେ କଏଦ୍ କରିଥିବା ଲୋକଙ୍କ ସହିତ ଯୁଦ୍ଧରେ ବିଜୟ ହୋଇ ପୁନଃ ଫେରି ଆସିଲା ସେତେବେଳେ ଆପଣ ସ.ଅ ତା'କୁ ଦେଖିବା ମାତ୍ରେ କ୍ରୋଧ ଜର୍ଜରିତ ହୋଇ ଉଠିଲେ ଏବଂ କହିଲେ, وَيْلُ اُمِّهٖ مِسْعَرُ حَرْبٍ لَوْ كَانَ لَهٗ اَحَدٌ ଅର୍ଥାତ୍ ତା' ମାଆର ଅମଙ୍ଗଳ ହେଉ । ଉକ୍ତ ବ୍ୟକ୍ତି ତ' ଯୁଦ୍ଧର ଅଗ୍ନି ସ୍ଫୁଲିଙ୍ଗ କରୁଅଛି । ଅର୍ଥାତ୍ ଅଗ୍ନି ପ୍ରଜ୍ୱଳିତ କରୁଛି । ଏପରି ହୁଅନ୍ତା କି ଉକ୍ତ ବ୍ୟକ୍ତିକୁ କେହି ସମ୍ଭାଳିଲାବାଲା ହୁଅନ୍ତା ! ଉକ୍ତ ଶବ୍ଦ ଶୁଣିବା ମାତ୍ରେ ଅବୁ ବସିର୍‌କୁ ଏହି ବିଶ୍ୱାସ ହୋଇଗଲା ଯେ, ଆପଣ ସ.ଅ ତା'କୁ ଫେରସ୍ତ (ପ୍ରତ୍ୟର୍ପଣ/ହସ୍ତାନ୍ତର) କରିଦେବେ ଏବଂ ମଦିନାରୁ ଧୀରେ ଧୀରେ ବାହାରି ଆସିଲା । ଅବୁ ବସିର ଦୂରବର୍ତ୍ତୀ ପୃଥକ ସ୍ଥାନରେ ନିଜର ଠିକଣା ତିଆରି କରିନେଲା । ବର୍ତ୍ତମାନ ଏହି ସମସ୍ତ ଘଟଣାବଳୀକୁ ଯଦି ନ୍ୟାୟ ଦୃଷ୍ଟିରୁ ଦେଖ ତେବେ ଆଁଜରତ ସ.ଅଙ୍କ ଉପରେ କେଉଁ ଦାୟିତ୍ୱ ଲାଗୁ ହୋଇଥାଏ  ଏବଂ ଆପଣ ସ.ଅଙ୍କ ବିରୁଦ୍ଧରେ କେଉଁ ଆପତ୍ତି ହୋଇ ପାରିବ ? ବରଂ ବାସ୍ତବତା ଏହିକି ଯେ, ଆପଣ ସ.ଅ ଉକ୍ତ ପ୍ରସଙ୍ଗରେ ନିଜର ଭାବାବେଗକୁ ଜଳାଞ୍ଜଳୀ ଦେଇ ଚୁକ୍ତିକୁ ପୂର୍ଣ୍ଣ କଲେ । ଆପଣ ସ.ଅ କେବଳ ଥରେ ଅବୁ ବସିରକୁ ଫେରସ୍ତ (ପ୍ରତ୍ୟର୍ପଣ) ଅର୍ଥାତ୍ ଅବିଶ୍ୱାସକାରୀଙ୍କୁ ହସ୍ତାନ୍ତର କରି ନଥିଲେ ବରଂ ଦୁଇ ଦୁଇ ଥର ଆପଣ ସ.ଅ ଅବୁ ବସିର୍‌କୁ ମକ୍କା ବାସୀଙ୍କୁ ହସ୍ତାନ୍ତର କରିଥିଲେ । ଆପଣ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ସ.ଅ ଅବୁ ବସିର୍‌କୁ ଏପରି ଭବ୍ୟ ଶବ୍ଦରେ ଫେରସ୍ତ (ପ୍ରତ୍ୟର୍ପଣ) କରିଦେଲେ ଯେ, ସଂସାରର ଇତିହାସରେ ଏହାର ପଟ୍ଟାନ୍ତର ଏବଂ ଦୃଷ୍ଟାନ୍ତ ମିଳେ ନାହିଁ । ଆପଣ ସ.ଅ ନିଜର ଭାବାବେଗକୁ ଜଳାଞ୍ଜଳୀ ଦେଲେ, ଆପଣ ସ.ଅ ନିଜ ସାହାବାମାନଙ୍କ ଭାବାବେଗକୁ ଜଳାଞ୍ଜଳୀ ଦେଲେ, ଅବୁ ବସିରଙ୍କ ଭାବାବେଗକୁ ଜଳାଞ୍ଜଳୀ ଦେଲେ ଓ ପ୍ରତ୍ୟେକ ଅବସ୍ଥା ଏବଂ ପ୍ରତ୍ୟେକ ପରିସ୍ଥିତିରେ ଆପଣ ସ.ଅ ନିଜର ଶପଥ ଓ ଚୁକ୍ତିକୁ ସଂପୂର୍ଣ୍ଣ କଲେ (ଚୁକ୍ତି ରକ୍ଷା କଲେ) । ପୁନଶ୍ଚ ଅବୁ ବସିର୍ ସ୍ୱୟଂ ମକ୍କାବାସୀଙ୍କ ଠାରୁ ସ୍ୱାଧୀନ ହୋଇ ଅନ୍ୟତ୍ର ଚାଲିଗଲା । ତେଣୁ ତା' ସଂପର୍କରେ ଆଁହଜରତ୍ ସ.ଅଙ୍କ ଉପରେ କେଉଁ ଆପତ୍ତି ହୋଇପାରିବ ? ସେହିପରି ଚୁକ୍ତିର କେଉଁ ସର୍ତ୍ତ ରହିଛି ଯାହା ଅନୁଯାୟୀ ଆପଣ ସ.ଅ ଉକ୍ତ କଥା ସଂକ୍ରାନ୍ତରେ ନିୟମାନୁବର୍ତ୍ତୀ ଥିଲେ ଯେ, ମକ୍କାରୁ ପଳାୟନ କରୁଥିବା ବ୍ୟକ୍ତି ଯେଉଁଠି ବି ଥାଉ ନା କାହିଁକି ଆପଣ ସ.ଅ ସେହି ବ୍ୟକ୍ତିକୁ ମକ୍କାରେ ପ୍ରେରଣ କରିଦେବା ନିମନ୍ତେ ଅବଶ୍ୟ ଦାୟି ରହିବେ । ଦୁଃଖ ଓ ପରିତାପର ବିଷୟ! ଦୁଃଖ ଓ ପରିତାପର ବିଷୟ !! ଏହିକି ଯେ, ଇସ୍‌ଲାମ୍ ଧର୍ମର ଶତ୍ରୁ କୌଣସି କଥାରେ ମଧ୍ୟ ଇସ୍‌ଲାମ୍ ଧର୍ମ ସହିତ ନ୍ୟାୟ ପ୍ରଦର୍ଶନ କରି ନାହାନ୍ତି। ଯଦି ଏହି ଆପତ୍ତି କରାଯାଏ ଯେ, ଆଁହଜରତ ସ.ଅ ଅବୁ ବସିର୍‌କୁ ତା' ଦ୍ୱାରା ସ୍ଥାପିତ ଶିବିର ମଧ୍ୟରେ ପ୍ରେରଣ କରିପାରି ଥାଆନ୍ତେ ତେବେ ତୁମେମାନେ ମଦିନା ଫେରି ଆସି ଏହା କହିବା କି ଆପଣ ସ.ଅ ଏପରି କରି ନାହାନ୍ତି । ତେଣୁ କହିବାକୁ ଗଲେ ଆପଣ ସ.ଅ ଚୁକ୍ତିର ଶବ୍ଦକୁ ନୁହେଁ କିନ୍ତୁ ଚୁକ୍ତିର ଆତ୍ମାକୁ ଭାଙ୍ଗିଛନ୍ତି । ତେଣୁ ଏହି ଆପତ୍ତି ହେଉଛି ଏକ ଦୁର୍ବଳ ଆପତ୍ତି । ତେଣୁ ଆଁହଜରତ ସ.ଅଙ୍କ ଉପରେ ଏହି ଦୁର୍ବଳ ଆପତ୍ତି କରାଯାଇଥାଏ ।

ସୁତରାଂ ଉକ୍ତ ଆପତ୍ତି ମଧ୍ୟ ଏକ ସଂପୂର୍ଣ୍ଣ ରୂପେ ନିରକ୍ଷରତାମୂଳକ ଆପତ୍ତି ଅଟେ। ସ୍ୱୟଂ ଚୁକ୍ତିର ଶବ୍ଦ ଏବଂ ସେହି ଶବ୍ଦର ଆତ୍ମା ଆପତ୍ତିକୁ ରଦ୍ଦ କରିଥାଏ । ଚୁକ୍ତିର ସର୍ତ୍ତ ଏହା ଥିଲା ଯେ, ଯଦି କୌଣସି ବ୍ୟକ୍ତି ମକ୍କାବାସୀ ମୁସଲମାନ ହୋଇଥାଏ ଏବଂ ସେ ପଳାୟନ କରି ମଦିନାରେ ପହଞ୍ଚେ ତେବେ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ଫେରସ୍ତ (ପ୍ରତ୍ୟର୍ପଣ) କରିଦେବେ । ଏହା ସ୍ପଷ୍ଟ ରୂପେ ପ୍ରମାଣିତ କରେ ଯେ, ଉକ୍ତ ସର୍ତ୍ତର ଅଭିପ୍ରାୟ ଏହା ରହିଥିଲା ଯେ, ଆସ୍ଥା ଏବଂ ବିଶ୍ୱାସ ଦୃଷ୍ଟିରୁ ସେହି ବ୍ୟକ୍ତି ମୁସଲମାନ ହୋଇଥିବ । କିନ୍ତୁ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ମଦିନାର ରାଜନୈତିକ ଶାସନରେ ସାମିଲ୍ କରିବେ ନାହିଁ । ସୁତରାଂ ଯେତେବେଳେ ଏପରି ବ୍ୟକ୍ତି ସ୍ୱୟଂ ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ ମଦିନାର ଇସ୍‌ଲାମୀୟ ରାଜନୈତିକ ଶାସନରୁ ନିର୍ବାସିତ ବିବେଚିତ କରିଥିଲେ ତେବେ ସେହି ବ୍ୟକ୍ତି ସଂକ୍ରାନ୍ତରେ ଏହି ଦାବି କରିବା କି ଏହା କିପରି ସମ୍ଭବପର ହୋଇପାରୁ ଥିଲା ଯେ, ସେ ଯେଉଁଠି ବି ଥିବ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ ଆଦେଶ ଦେଇ ପୁନଃ ମକ୍କାବାସୀଙ୍କୁ ହସ୍ତାନ୍ତର କରିଦେବେ । ସୁତରାଂ ଏହା ମସ୍ତ ବଡ଼ ଅନ୍ୟାୟ ଅଟେ ଯେ, ଯଦି ଆଁହଜରତ ସ.ଅ ଏପରି ବ୍ୟକ୍ତିକୁ ମଦିନାରେ ରଖନ୍ତି ତେବେ ଆପଣ ସ.ଅଙ୍କ ଉପରେ ଏହି ଆପତ୍ତି ହୋଇଥାଏ ଯେ, ଆପଣ ସ.ଅଙ୍କ ଚୁକ୍ତି ଏହା ଥିଲା କି ମୁସଲମାନ ହେବା ସତ୍ତ୍ୱେ ଆପଣ ସ.ଅ ସେହି ବ୍ୟକ୍ତିକୁ ନିଜର ରାଜନୈତିକ ଶାସନ ଅର୍ଥାତ୍ ମଦିନା ଭୂମିରେ ସାମିଲ୍ କରିବେ ନାହିଁ । ଆପଣ ସ.ଅ ଯଦି ସେହି ବ୍ୟକ୍ତିକୁ ମଦିନାର ରାଜନୈତିକ ପରିବେଶରୁ ବହିର୍ଭୂତ ଏବଂ ନିର୍ବାସିତ କରି ମକ୍କାରବାସୀଙ୍କୁ ହସ୍ତାନ୍ତର କରିଥାଆନ୍ତେ ଏବଂ ମଦିନାରୁ ନିର୍ବାସିତ କରନ୍ତି ତେବେ ଏହି ଆପତ୍ତି କରାଯାଇଥାଆନ୍ତା ଯେ, ଆପଣ ସ.ଅ ସେହି ବ୍ୟକ୍ତିକୁ ନିଜର ରାଜନୈତିକ ଶାସନ ଅର୍ଥାତ୍ ମଦିନାରେ ସାମିଲ୍ କରି ତା' ନିକଟକୁ ଆଦେଶ କାହିଁକି ପ୍ରେରଣ କଲେ ନାହିଁ । ସୁତରାଂ ରାଜନୈତିକ ଦୃଷ୍ଟିରୁ ଏହା ଏକ ଦୁର୍ବଳ ଏବଂ ନିରର୍ଥକ ଆପତ୍ତି ଯେ, କୌଣସି ବୁଦ୍ଧିମାନ ବ୍ୟକ୍ତି ଏଥିପ୍ରତି ଧ୍ୟାନ ଦେଇ ପାରିବ ନାହିଁ । ସତ୍ୟ ଏହିକି ଯେ, କୁଫ୍‌ଫାର୍‌ମାନଙ୍କ ପକ୍ଷରୁ ଚୁକ୍ତିର ଯେଉଁ ଅନୌଚିତ୍ୟ ସର୍ତ୍ତାବଳୀ ସବୁ ସାମିଲ୍ କରାଯାଇଥିଲା ତାହା ଏହିକି ଯେ, କୌଣସି ପ୍ରବାସକାରୀ ମୁସଲମାନ ବ୍ୟକ୍ତିକୁ ମଦିନାରେ ଆଶ୍ରୟ ଦିଆ ନଯାଉ। ଈଶ୍ୱର ଏହି ସର୍ତ୍ତକୁ ହିଁ ସେମାନଙ୍କ ନିମନ୍ତେ ଶାସ୍ତି କରିଦେଲେ । କାରଣ ଆମର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅ ଯେମିତି ହେଉ ପଛେ କିନ୍ତୁ ଆପଣ ସ.ଅ ଚୁକ୍ତିର ସର୍ତ୍ତ ସବୁକୁ ନିୟମାନୁବର୍ତ୍ତୀ ହୋଇ ପାଳନ କଲେ । କିନ୍ତୁ ତୁମେମାନେ ଅର୍ଥାତ୍ ଅବିଶ୍ୱାସକାରୀମାନେ ସ୍ୱୟଂ ନିଜ ମାର୍ଗରେ କଣ୍ଟା ବିଛାଇଲେ । ସେମାନେ ସ୍ୱୟଂ ନିଜ ହସ୍ତ ଦ୍ୱାରା ନିର୍ମିତ ଅସ୍ତ୍ର ଦ୍ୱାରା ନିଜର ହସ୍ତ କାଟିଲେ (ଅଣ୍ଟି ଛୁରୀ ତଣ୍ଟି କାଟେ) ।

ଯେତେବେଳେ ତୁମେମାନେ ନିଜେ କହିଲ (ମକ୍କାବାସୀ ଅର୍ଥାତ୍ କୁରୈଶ୍‌ମାନେ) କି ମକ୍କାର ଯେଉଁ ଯୁବକ ମୁସଲମାନ ହୋଇ ମଦିନା ଯିବ ସେହି ଯୁବକକୁ ଆଁହଜରତ ସ.ଅ ମଦିନାରେ ରଖିବେ (ଆଶ୍ରୟ ଦେବେ) ନାହିଁ । ସେହିପରି ସେହି ବ୍ୟକ୍ତିକୁ ମଦିନାର ରାଜନୈତିକ ଶାସନରୁ ବହିର୍ଭୂତ ଓ ନିର୍ବାସିତ ମନେକରାଯିବ । ପୁନଶ୍ଚ ତୁମେମାନେ ଏହି କଣ୍ଠରେ କିପରି ଏହା ଦାବି କରିପାରିବ ଯେ, ଉକ୍ତ ମଦିନା ରାଜନୈତିକ ଶାସନରୁ ନିର୍ବାସିତ ତଥା ବହିର୍ଭୂତ ଲୋକମାନେ ଯେଉଁ ଯେଉଁଠି ବି ଥାଆନ୍ତି ସେମାନଙ୍କୁ ଆଁହଜରତ ସ.ଅ ଆଦେଶ ଦେଇ ସେମାନଙ୍କ ଉପରେ ନିଜର ରାଜନୈତିକ ଶାସନ ବ୍ୟବସ୍ଥା ଲାଗୁ କରି ସେମାନଙ୍କୁ ମକ୍କା ପହଞ୍ଚାଇ ଦେବେ (ଅର୍ଥାତ୍ ହସ୍ତାନ୍ତର କରିଦେବେ) । ଏହା ସଂପୂର୍ଣ୍ଣ ରୂପେ ଅଶିକ୍ଷିତମୂଳକ କଥା ଅଟେ। ତୁମେମାନେ ସ୍ୱୟଂ ଉକ୍ତ ସର୍ତ୍ତ ଉପସ୍ଥାପିତ କରିଥିଲ ଯେ, ଆଁହଜରତ ସ.ଅ ଏପରି ଲୋକମାନଙ୍କ ଆତ୍ମା ଉପରେ ଏବଂ ସେମାନଙ୍କର ଅନ୍ୟ ପ୍ରସଙ୍ଗ ଉପରେ ତ' ନିଃସନ୍ଦେହାତ୍ମକ ଶାସନ କରିବେ । କିନ୍ତୁ ସେମାନଙ୍କର ରାଜନୈତିକ ଏବଂ ସାଂସାରିକ ପ୍ରସଙ୍ଗରେ ଆପଣ ସ.ଅ ଶାସକ ହୁଅନ୍ତୁ ନାହିଁ । ରାଜନୈତିକ ଦୃଷ୍ଟିରୁ, ଶାସନ ଦୃଷ୍ଟିରୁ, ଆଇନ ଦୃଷ୍ଟିରୁ ଆପଣ ସ.ଅଙ୍କ ସେମାନଙ୍କ ଉପରେ କୌଣସି ଅଧିକାର ହେବ ନାହିଁ। ହଁ ନିଃସନ୍ଦେହ ରୂପେ ସେହି ଲୋକମାନେ ମୁସଲମାନ ଅଟନ୍ତି ଏବଂ ଆଧ୍ୟାତ୍ମିକ ରୂପେ ସେମାନେ ଆଁହଜରତ ସ.ଅଙ୍କ ବୈଅତ୍‌ରେ ଅନ୍ତର୍ଭୁକ୍ତ ହେଲେ, ମୁସଲମାନ ହେଲେ, ସେମାନେ ବିଶ୍ୱାସକାରୀ ବୋଲାଇବେ । କିନ୍ତୁ ସେମାନେ ସ୍ୱୟଂ ଏହି ସର୍ତ୍ତ ରଖିଥିଲେ ଯେ, ରାଜନୈତିକ ଦୃଷ୍ଟିରୁ ମକ୍କାର ମୁସଲମାନମାନେ ଆଁହଜରତ ସ.ଅ ଓ ମଦିନାବାସୀଙ୍କର ହେବେ ନାହିଁ । ତେଣୁ ଆପଣ ସ.ଅ ଉକ୍ତ ସର୍ତ୍ତକୁ ସ୍ୱୀକାର କରିନେଲେ ଯେ, ହଉ ଠିକ୍ ଅଛି ରାଜନୈତିକ ଦୃଷ୍ଟିରୁ ମକ୍କାର ଯୁବ ମୁସଲମାନମାନେ ମଦିନାବାସୀଙ୍କର ହେବେ ନାହିଁ । ସୁତରାଂ ଯେତେବେଳେ ତୁମେମାନେ ସ୍ୱୟଂ ସେମାନଙ୍କୁ (ମୁସଲମାନମାନଙ୍କୁ) ଆଁହଜରତ ସ.ଅଙ୍କ ରାଜନୈତିକ ଶାସନରୁ ବାହାର କରିଦେଲ ତେବେ ଆଁହଜରତ ସ.ଅଙ୍କ ଉପରେ ଆପତ୍ତି ପୁଣି କାହିଁକି ? ସେ ଯାହା ହେଉ ଏହା କୁରୈଶ୍‌ମାନଙ୍କର ସ୍ୱଯୋଜନା ଥିଲା । ଏହି ଯୋଜନା ସେମାନଙ୍କ ଉପରେ ଲେଉଟି ଆସିଲା । ଅର୍ଥାତ୍ ଓଲଟା ଫାଶ ସେମାନଙ୍କ ଉପରେ ହିଁ ପଡ଼ିଗଲା । ଆଁହଜରତ ସ.ଅଙ୍କ ଅସ୍ତିତ୍ୱ ପବିତ୍ର ଥିଲା ଏବଂ ପବିତ୍ର ରହିଲା । ଆପଣ ସ.ଅ ଚୁକ୍ତିର ଶବ୍ଦକୁ ମଧ୍ୟ ପୂର୍ଣ୍ଣ କଲେ ଏବଂ ଅବୁ ବସିର୍‌କୁ ମକ୍କାବାସୀଙ୍କୁ ହସ୍ତାନ୍ତର କରିଦେଇ ମଦିନାରୁ ଅବୁ ବସିରଙ୍କୁ ବିଦାୟ କରିଦେଲେ । ପୁନଶ୍ଚ ଆପଣ ସ.ଅ ଚୁକ୍ତିର ଆତ୍ମାକୁ ମଧ୍ୟ ପୂର୍ଣ୍ଣ ଓ ରକ୍ଷା କଲେ । ଯେପରିକି ଉକ୍ତ ସର୍ତ୍ତର ପ୍ରକୃତ ଉଦ୍ଦେଶ୍ୟ ଏହା ଥିଲା ଯେ, ଆପଣ ସ.ଅ ଅବୁ ବସିର୍ ଏବଂ ତା'ର ସାଥିମାନଙ୍କୁ ନିଜର ରାଜନୈତିକ ପରିଧିରୁ ବାହାରେ ରଖିଲେ । ସୁତରାଂ ଆପଣ ସ.ଅ ପ୍ରତ୍ୟେକ ଦୃଷ୍ଟିରୁ ସତ୍ୟବାଦୀ ଏବଂ ମକ୍କାର ଅବିଶ୍ୱାସକାରୀମାନେ ନିଜ ଦ୍ୱାରା ପକାଇଥିବା ଜାଲରେ ନିଜେ ଶିକାର ହୋଇ ରହିଗଲେ । ପରିଶେଷରେ ସେମାନେ ସ୍ୱୟଂ ତିରସ୍କୃତ ହୋଇ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ, ହେ ମୁହମ୍ମଦ (ସ.ଅ) ଆମେମାନଙ୍କ ମଧ୍ୟରେ ଓ ଆପଣ ସ.ଅଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ ଖାରଜ୍ କରୁଛୁ ।

ପୁନଶ୍ଚ ଏକଥା କହିବା କି ଆପଣ ସ.ଅ ଏହି ଶବ୍ଦ କହିଲେ ଯେ, وَيْلُ اُمِّهٖ مِسْعَرُ حَرْبٍ لَوْ كَانَ لَهٗ اَحَدٌ (ଅର୍ଥାତ୍ ତା' ମା ପାଇଁ (ମା'ର) ଅମଙ୍ଗଳ ହେଉ । ଉକ୍ତ ବ୍ୟକ୍ତି ତ' ଯୁଦ୍ଧର ଅଗ୍ନିକୁ ସ୍ଫୁଲିଙ୍ଗ କରୁଅଛି । ଏପରି ହୁଅନ୍ତା କି କେହି ତା'କୁ ସମ୍ଭାଳି ନିଅନ୍ତା !) ଅବୁ ବସିର୍ ଏହି ଇଙ୍ଗିତ କରିଥିଲା ।" ଆପତ୍ତିକାରୀମାନେ ଏହି ଆପତ୍ତି ମଧ୍ୟ କରନ୍ତି ଯେ, ଏହି ଶବ୍ଦଗୁଡ଼ିକରେ ଅବୁ ବସିର୍‌କୁ ଏହି ଇଙ୍ଗିତ କରାଯାଇଥିଲା ଯେ, ତୁମେମାନେ ନୂତନ ଦଳ ଗଠନ କରି କୁରୈଶ୍‌ମାନଙ୍କ ସହିତ ଯୁଦ୍ଧ ଆରମ୍ଭ କରିଦିଅ। ଏହା କେଡ଼େ ଅନ୍ୟାୟ, ଅତ୍ୟାଚାର ଏବଂ କେଡ଼େ ବାଧ୍ୟ ମାନସିକତା ଅଟେ ଏବଂ ଯେଉଁ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ତାହା କେଡ଼େ ନିରକ୍ଷରତା ଅଟେ। ଏହି ଶବ୍ଦ ତ' ଆଁହଜରତ ସ.ଅଙ୍କ ସତ୍ୟତା ଏବଂ ଅନିର୍ବାର୍ଯ୍ୟହୀନ ଯୁଦ୍ଧରୁ ଆପଣ ସ.ଅଙ୍କ ଅନାସକ୍ତତାର ଜ୍ୱଳନ୍ତ ପ୍ରମାଣ ଅଟନ୍ତି । ଆପଣ ସ.ଅ କହିଲେ, କ'ଣ ଏହି ବ୍ୟକ୍ତି ଯୁଦ୍ଧର ସୂତ୍ରପାତ କରିବାକୁ ଚାହୁଁଛି କି ? ଏହା କେବଳ ଇଙ୍ଗିତ ନଥିଲା ଯେ, ତୁମେ (ଅବୁ ବସିର୍) ଯୁଦ୍ଧର ସୂତ୍ରପାତ କର । ଏହା ଉକ୍ତ କଥାର ପ୍ରମାଣ ଯେ, ତୁମେ (ଅବୁ ବସିର୍) ଯୁଦ୍ଧର ସୂତ୍ରପାତ କର । ଉକ୍ତ କଥା ଏହା ସିଦ୍ଧ କରୁଛି ଯେ, ଆପଣ ସ.ଅ ଅବୁ ବସିରର ଉକ୍ତ କୃତ୍ୟରୁ ମୁକ୍ତ ଏବଂ ବିମୁଖ ଭାବ ପ୍ରକାଶ କରୁଛନ୍ତି ନା କି ଆପଣ ସ.ଅ ଅବୁ ବସିର୍‌କୁ କୌଣସି ଗୁପ୍ତ ଇଙ୍ଗିତ କରି ଯୁଦ୍ଧର ସୂତ୍ରପାତ (ଯୁଦ୍ଧ ଆରମ୍ଭ) କରିବା ନିମନ୍ତେ ଚାହୁଁଛନ୍ତି ।

ଯେପରି ସାର୍ ୱିଲିୟମ୍ ମିଓର୍ ସାହେବ ଭାବୁଥିଲେ ଠିକ୍ ସେହିପରି ଯଦି ଅନ୍ୟ କୌଣସି ବ୍ୟକ୍ତି ଏହା ଭାବେ ଯେ, ଆଁହଜରତ ସ.ଅଙ୍କ ଶେଷ ଶବ୍ଦ لَوْ كَانَ لَهٗ اَحَدٌ ଅର୍ଥ ଏହା ମଧ୍ୟ ହୋଇ ପାରିବ ଯେ, "ଯଦି କୌଣସି ସାଥି ମିଳିଗଲା" ତହିଁରୁ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅଙ୍କ ଏହି ଉଦ୍ଦେଶ୍ୟ ଥିଲା ଯେ, ଯଦି ଅବୁ ବସିର୍‌କୁ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କୌଣସି ସାଥି ମିଳିଯାଏ ତେବେ ସେପରିପ୍ରେକ୍ଷୀରେ ସେ ଅଗ୍ନିକୁ ପ୍ରଜ୍ୱଳିତ ତଥା ସ୍ଫୁଲିଙ୍ଗ କରି ପାରିବ । ଏହିପରି ଭାବରେ ଉକ୍ତ ପଦରେ ଯୁଦ୍ଧର ସୂତ୍ରପାତରେ ଇଙ୍ଗିତ ଦେଖିବାକୁ ମିଳେ ।

ହୁଜୁର ଅନ୍ୱର୍ ଅ.ବ କିହଲେ, ତେବେ ଏ ହେଉଛି ଉକ୍ତ ଆପତ୍ତିର ଉତ୍ତର ଯେ, ମୁଁ ଯେଉଁ ପ୍ରଥମ ଅର୍ଥ କରିଛି ତାହା ଆରବୀୟ ଆପ୍ତ ବାକ୍ୟ ଅନୁଯାୟୀ ଅଟେ ଏବଂ ଏହାକୁ ମୁଁ ଇତିହାସରୁ ବର୍ଣ୍ଣନା କରିଛି । ହଦିସ୍‌ମାନଙ୍କରେ ଅଧିକାଂଶ ମାତ୍ରାରେ ଏହାର ଉଦାହରଣ ଦେଖିବାକୁ ମିଳେ ଏତଦଭିନ୍ନ ଯଦି ଅନ୍ୟ ଅର୍ଥ ମନେ କରିନିଆଯାଏ ତାହାହେଲେ ମଧ୍ୟ ଏହାର ଅର୍ଥ ଉଚିତ୍ ହେବ । ଅର୍ଥାତ୍ ସାର୍ ୱିଲିୟମ୍ ମିଓର୍ ସାହେବ ଯେପରି ଏହାର ଅର୍ଥ କରିବାକୁ ଚାହିଁଛନ୍ତି ତେବେ ମଧ୍ୟ ଏହାର ଅର୍ଥ ଉଚିତ୍ ଏବଂ ସଠିକ୍ ଅଟେ । ତାହାହେଲେ ମଧ୍ୟ ବାକ୍ୟର ପୁରୋଭାଗ ଏବଂ ପଶ୍ଚାତ୍‌ଭାଗ ଅନୁଯାୟୀ ଉକ୍ତ ବାକ୍ୟର ଅର୍ଥ ଏହା ବ୍ୟତୀତ ଆଉ କିଛି ଗ୍ରହଣ କରାଯାଇ ପାରିବ ନାହିଁ ଯେ, ଯଦି ଅବୁ ବସିରକୁ ତା' (ନିଜ) ପରି ଧାରଣା (ଚିନ୍ତାଧାରା ପୋଷଣ କରୁଥିବା ବ୍ୟକ୍ତି) ରଖୁଥିବା କୌଣସି ବ୍ୟକ୍ତି ମିଳିଯାଏ ତେବେ ସେ ଉକ୍ତ ଯୁଦ୍ଧର ଅଗ୍ନିକୁ ସ୍ଫୁଲିଙ୍ଗ (ପ୍ରଜ୍ୱଳିତ) କରିଦେବ । କିନ୍ତୁ ଭଲ ହେଲା ଅବୁ ବସିରକୁ ମଦିନାରେ ଏପରି କୌଣସି ବ୍ୟକ୍ତି ମିଳିଲା ନାହିଁ ଓ ନା ହିଁ ଏପରି କୌଣସି ସାଥି ମିଳିଲା । ସୁତରାଂ ତହିଁରୁ ଏହା ସ୍ପଷ୍ଟ ହୁଏ ଯେ, ଆଁହଜରତ ସ.ଅଙ୍କ କହିବାର ତାତ୍ପର୍ଯ୍ୟ ଏହିକି ଯେ, ଯଦି ଅବୁ ବସିରକୁ ଏପରି ବ୍ୟକ୍ତି ମିଳିଯାଏ ତେବେ ଠିକ୍ ଅଛି। କିନ୍ତୁ ଆମ (ଆଁହଜରତ ଓ ମୁସଲମାନମାନଙ୍କ ନିକଟରେ) ଏପରି କୌଣସି ସାଥି ନାହିଁ ଯିଏ ଅବୁ ବସିର୍‌କୁ ସାହାଯ୍ୟ କରି ପାରିବ ।

ଅତଏବ୍ ଯେକୌଣସି ଅର୍ଥ ଗ୍ରହଣ କାରଯାଉ ପଛେ ଉକ୍ତ ପୂର୍ବ ଭାଗ ଏବଂ ପରବର୍ତ୍ତୀ ଭାଗ ଏବଂ ଏହାର ପ୍ରାରମ୍ଭିକ ଭାଗ ଉକ୍ତ କଥା ନିମନ୍ତେ ଯଥେଷ୍ଟ ଓ ପର୍ଯ୍ୟାପ୍ତ ପ୍ରମାଣ ଅଟେ ଯେ, ଆଁହଜରତ ସ.ଅଙ୍କ ଉଦ୍ଦେଶ୍ୟ ଅବୁ ବସିର୍ ସହିତ ସାକ୍ଷାତ୍ କରିବା ଥିଲା । ନା କି ଯୁଦ୍ଧ ନିମନ୍ତେ ତା'କୁ ଅନୁପ୍ରାଣିତ କରିବା । କ'ଣ କୌଣସି ବ୍ୟକ୍ତି ଯିଏ ନିଜର କଥନକୁ ଉକ୍ତ କ୍ରୋଧାତ୍ମକ ଏବଂ ନିନ୍ଦାତ୍ମକ ଶବ୍ଦରୁ ପ୍ରାରମ୍ଭ କରି ଏକଥା କହିବ କି "ଅମକ ବ୍ୟକ୍ତିର ମା'ର ଅମଙ୍ଗଳ ହେଉ । କାରଣ ସେହି ବ୍ୟକ୍ତି ଯୁଦ୍ଧର ଅଗ୍ନିକୁ ପ୍ରଜ୍ୱଳିତକାରୀ ବ୍ୟକ୍ତି ଅଟେ ।" ଉକ୍ତ କ୍ରୋଧାତ୍ମକ ଏବଂ ନିନ୍ଦାତ୍ମକ ବାକ୍ୟ ପରେ ସେ ଏହି ପ୍ରକାରର ଶବ୍ଦ ନିଜ ତୁଣ୍ଡରେ ଧରେ ଯେ, "ହଁ ହଁ ଯୁଦ୍ଧର ଅଗ୍ନି ସ୍ଫୁଲିଙ୍ଗ (ପ୍ରଜ୍ୱଳନ) କର ? ପରିଶେଷରେ ଆପତ୍ତିର ଇଚ୍ଛା ପ୍ରକାଶ କରିବାରେ ବୁଦ୍ଧିକୁ ହାତଛଡ଼ା କରିବା ଉଚିତ୍ ନୁହଁ । କିନ୍ତୁ ପ୍ରକାଶ୍ୟ ରୂପେ ଓରିଣ୍ଟାଲିଷ୍ଟ୍ (ପ୍ରାଚ୍ୟତତ୍ତ୍ୱବିତ୍)ମାନେ ନିଜକୁ ଶିକ୍ଷିତ ବୋଲି ମନେକରନ୍ତି । କିନ୍ତୁ ଯେତେବେଳେ ଆଁହଜରତ ସ.ଅଙ୍କ ଅସ୍ତିତ୍ୱର ପ୍ରଶ୍ନ ଆସେ, ଇସ୍‌ଲାମ୍ ଧର୍ମର ଇତିହାସର ପ୍ରଶ୍ନ ଆସେ ସେତେବେଳେ ଏଠାରେ ସେମାନେ ବୁଦ୍ଧି ବିଚାରଶୂନ୍ୟ କଥାବାର୍ତ୍ତା କହିବାକୁ ଲାଗି ପଡ଼ନ୍ତି । ପୁନଶ୍ଚ ସବୁଠୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଦର୍ଶନୀୟ କଥା ଏହିକି ଯେ, ସ୍ୱୟଂ ଅବୁ ବସିର୍ ଉପରେ ଆଁହଜରତ ସ.ଅଙ୍କ ଏହି ଶବ୍ଦର କେଉଁ ପ୍ରଭାବ ପଡ଼ିଥିଲା? ସେ ଆପଣ ସ.ଅଙ୍କ କେଉଁ ଅର୍ଥ ବୁଝିଲା । ସୁତରାଂ ଏଥି ସଂକ୍ରାନ୍ତରେ ବର୍ଣ୍ଣନାରେ ଏହି ଶବ୍ଦ ଉଲ୍ଲିଖିତ ତଥା ବର୍ଣ୍ଣିତ ହୋଇଛି ଯେ, فَلَمَّا سَمِعَ ذٰلِكَ عَرَفَ اَنَّهٗ سَيَرُدُّهٗ اِلَيْهِمْ ଅର୍ଥାତ୍ ଅବୁ ବସିର୍ ଯେତେବେଳେ ଆଁହଜରତ ସ.ଅଙ୍କ ଉକ୍ତ ଶବ୍ଦ ଶୁଣିଲା ସେତେବେଳେ ସେ ବୁଝିନେଲା ଯେ, ସେ ଯାହା ହୋଇଯାଉ ପଛେ ଆପଣ ସ.ଅ ତା'କୁ ମକ୍କାବାସୀଙ୍କ ଆଡ଼କୁ ଫେରସ୍ତ (ପ୍ରତ୍ୟର୍ପଣ) କରିଦେବେ । ଅର୍ଥାତ୍ ହସ୍ତାନ୍ତର କରିଦେବେ । ତେଣୁ ଅବୁ ବସିର୍ ଅତି ନିରବତାର ସହିତ ଖସି ଅନ୍ୟ ଆଡ଼କୁ ବାହାରିଗଲା ।"

ବଡ଼ ଦୁଃଖ ଓ ପରିତପାର ବିଷୟ ! ଯେ, ଯେଉଁ ବ୍ୟକ୍ତିକୁ ଉକ୍ତ ଶବ୍ଦ ସମ୍ବୋଧିତ କରି କୁହାଗଲା ସେ ସ୍ୱୟଂ ଏହାର ଅର୍ଥକୁ ବୁଝିଲା ଯେ, ଆଁହଜରତ ସ.ଅ ତା'ର ଉକ୍ତ କୃତ୍ୟକୁ ନାପସନ୍ଦ କରିଛନ୍ତି ଏବଂ ସେ ଯାହା ହେଉ ନା କାହିଁକି ଆପଣ ସ.ଅ ତା'କୁ ମକ୍କା ଆଡ଼କୁ ଫେରସ୍ତ (ପ୍ରେରଣ ) କରିଦେବେ । କିନ୍ତୁ ଆମର 1300 ବର୍ଷ ପରେ ଦୟାଳୁ ବ୍ୟକ୍ତିମାନେ ଏକଥା କହୁଛନ୍ତି ଯେ, ବାସ୍ତବରେ ଆଁହଜରତ ସ.ଅ ଅବୁ ବସିର୍‌କୁ ଏକ ନୂତନ ଦଳ ଗଠନ କରି ଯୁଦ୍ଧ ନିମନ୍ତେ ଉତ୍ସାହିତ କରିଥିଲେ । ଉକ୍ତ କଥା ଅତ୍ୟନ୍ତ ବିଦ୍ୱେଷପୂର୍ଣ୍ଣ ଅଟେ । ଅତଏବ୍ ବିଦ୍ୱେଷର ସର୍ବନାଶ ହେଉ । ଅନ୍ୟାୟର ମଧ୍ୟ କୌଣସି ସୀମା ହେବା ଉଚିତ୍ । କହିବାର ତାତ୍ପର୍ଯ୍ୟ ଏହିକି ଯେ, ପ୍ରାଚ୍ୟତତ୍ତ୍ୱବିତ୍ ଏବଂ ଆପତ୍ତିକର୍ତ୍ତାମାନେ ଉକ୍ତ ପ୍ରସଙ୍ଗ (ଅବୁ ବସିର୍ ପ୍ରସଙ୍ଗ)ରେ ସୀମା ଲଂଘନ କରି ଅନ୍ୟାୟ ପ୍ରଦର୍ଶନ କରିଛନ୍ତି । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବଶୀର୍ ଅହେମଦ୍ ସାହେବ୍ ଏମ୍.ଏ ର.ଅ, ପୃ-775-778)**

ଯେଉଁ ଲୋକମାନେ ନ୍ୟାୟର ଦାବି କରୁଛନ୍ତି ସେମାନଙ୍କର ସର୍ବଦା ଏହି ଦୋହୋରା ନୀତି ଏବଂ ଦୋହାରା ସ୍ତର ରହି ଆସିଛି ଯେ, ସେମାନେ ସର୍ବଦା ଆପତ୍ତି ହିଁ କରିବେ ଏବଂ ସୀମା ଲଂଘନ ଓ ଅନ୍ୟାୟ କରିବେ । ଏହି ଦୋହୋରା ନୀତୀ ସଂସାରରେ ଉପଦ୍ରବ ସୃଷ୍ଟି କରି ଆସିଛି ଏବଂ ଆଜି ମଧ୍ୟ ଉପଦ୍ରବ ଜାରି ରହିଛି। ଅଲ୍ଲାହତାଲା ଆଜି ମଧ୍ୟ ସଂସାରକୁ ଏବଂ ବିଶେଷ କରି ମୁସଲମାନମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ଦଜ୍ଜାଲୀୟ (ମିଥ୍ୟାବାଦ, ବିଶ୍ୱାସଘାତକ, ମାୟା ତଥା ଐନ୍ଦ୍ରଜାଲିକ) ଉପଦ୍ରବରୁ ମଧ୍ୟ ସୁରକ୍ଷିତ ରଖନ୍ତୁ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 27 ଡିସେମ୍ବର 2024 ମସିହା, ପୃ-2-6)** ☆--☆--☆

**ସଦର୍ ଅଞ୍ଜୁମନ୍ ଅହେମଦିୟା, ତେହରିକେ ଜଦିଦ୍, ଅଞ୍ଜୁମନ୍ ୱକ୍‌ଫେ ଜଦିଦ୍ ଏବଂ ଜେଲି (ଅଧୀନସ୍ଥ) ତନଜିମାତ୍ (ଗୋଷ୍ଠୀ) କାଦିୟାନ୍‌ର କାର୍ଯ୍ୟାଳୟମାନଙ୍କରେ, ଆର୍ଥିକ/କେୟାର ଟେକର୍/ଚୌକିଦାର (ଜଗୁଆଳୀ)/ ରୋଷେୟା/ରୁଟି ସେକାଳୀ/ମସ୍‌ଜିଦ୍‌ର ସେବାକ ଇତ୍ୟାଦି ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କର ଆବଶ୍ୟକତା ରହିଛି**

**ଚତୁର୍ଥ ଶ୍ରେଣୀୟ କର୍ମଚାରୀଙ୍କ ନିମନ୍ତେ ସର୍ତ୍ତାବଳୀ :**

(1) ପ୍ରାର୍ଥୀର ବୟସ 40 ବର୍ଷରୁ ଉର୍ଦ୍ଧ୍ୱ ଓ 18 ବର୍ଷରୁ କମ ହୋଇ ନଥିବ ଉଚିତ୍ ।

(2) ପ୍ରାର୍ଥୀର ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ୍ତ ନାହିଁ । କିନ୍ତୁ ଶିକ୍ଷିତ ପ୍ରାର୍ଥୀଙ୍କୁ ହିଁ ପ୍ରାଧାନ୍ୟ ଦିଆଯିବ ।

(3) ସାପ୍ତାହିକ ବଦରରେ ଉକ୍ତ ବିଜ୍ଞପ୍ତି ପ୍ରକାଶ ପାଇବାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକୁ ବିଚାରକୁ ନିଆଯିବ ।

(4) ଯେଉଁ ପ୍ରାର୍ଥୀମାନେ ମର୍କଜି ପଦବୀ ପୂରଣ କମିଟିଙ୍କ ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ ସଫଳ ହେବେ ସେହି ପ୍ରାର୍ଥୀମାନେ ସେବା ନିମନ୍ତେ ଯୋଗ୍ୟ ବିବଚିତ ହେବେ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୁର୍ ହସ୍ପିଟାଲ୍ କାଦିୟାନ୍‌ରୁ ମେଡ଼ିକାଲ (ଡାକ୍ତରୀ) ପରୀକ୍ଷା କରାଇବାକୁ ହେବ ଓ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୁର୍ ହସ୍ପିଟାଲ୍‌ର ମେଡ଼ିକାଲ୍ ବୋର୍ଡ଼ଙ୍କ ରିପୋର୍ଟ ଅନୁଯାୟୀ ସୁସ୍ଥ ଓ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ।

(6) ଚୟନ ହେବା ସ୍ଥଳେ ପ୍ରାର୍ଥୀଙ୍କୁ କାଦିୟାନ୍‌ରେ ନିଜର ରହିବା (ରହଣୀ) ନିମନ୍ତେ ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) ଯାତ୍ରା ବା ଗସ୍ତ ଖର୍ଚ୍ଚ, କାଦିୟାନ୍ ଯିବା ଆସିବା ଖର୍ଚ୍ଚ ଇତ୍ୟାଦି ପ୍ରାର୍ଥୀ ନିଜେ ବହନ କରିବେ ।

**(ନୋଟ୍:** ପ୍ରାର୍ଥୀଙ୍କୁ ଇଣ୍ଟରଭ୍ୟୁର ତାରିଖ ସଂକ୍ରାନ୍ତରେ ପରବର୍ତ୍ତୀ ସମୟରେ ସୂଚିତ କରି ଦିଆଯିବ)

**ଅଧିକ ତଥ୍ୟ ଜାଣିବା ନିମନ୍ତେ ନିମ୍ନ ଲିଖିତ ଠିକଣାରେ ଯୋଗଯୋଗ କରନ୍ତୁ**

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ କାଦିୟାନ୍‌ର (ପିନ୍ କୋଡ୍:-143516) ମୋବାଇଲ୍ ନଂ:- 09682627592, 0988232530, କାର୍ଯ୍ୟାଳୟ:- 01872-501130, Email:diwan@qadian.in**

☆ ☆ ☆

**କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଠାରେ ଆଡ୍‌ମିଶନ ନିମନ୍ତେ ଘୋଷଣା ଶିକ୍ଷାବର୍ଷ: 2025-2026**

**(ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, ବର୍ତ୍ତମାନ ଆଡ୍‌ମିଶନ (ପ୍ରବେଶ ଗ୍ରହଣ) ପ୍ରକ୍ରିୟା ଆରମ୍ଭ ହୋଇଯାଇଛି)**

**(Ahmadiyya vocational training centre)**

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା ଅଟେ । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ । ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷରେ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ଏତଦଭିନ୍ନ Personality development ଏବଂ English Speaking କ୍ଲାସ୍ ମଧ୍ୟ ନିଆଯାଇଥାଏ। ନୂତନ ସେଶନ୍ (ଶିକ୍ଷାବର୍ଷ) 2025-26 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ 16 ଜୁଲାଇ 2025 ଠାରୁ ଆରମ୍ଭ ହୋଇଯିବ । ଅଧିକ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗା ଯୋଗ କରନ୍ତୁ- darulsanaat.qadian@gmail.com, 9872725895, 8604024043,

**(ପ୍ରିଂସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

## ପୃଷ୍ଠା-2ରେ ବର୍ଣ୍ଣିତ ଖୁତ୍‌ବା ଜୁମା 22-11-24ର ଅବଶିଷ୍ଟାଂଶ.....

ସ୍ପର୍ଶ କଲା । ସାହାବାମାନେ କୁହନ୍ତି: "ସେହି ଅଧିପତିର ଆପଣ ସ.ଅଙ୍କ ଦାଢ଼ିକୁ ଏପରି ବରାମ୍ବାର ସ୍ପର୍ଶ କରିବା ଦ୍ୱାରା ଆମେମାନେ କ୍ରୋଧିତ ହୋଇ ଉଠୁଥିଲୁ । କିନ୍ତୁ ସେତେବେଳେ ଆମମାନଙ୍କୁ ଏପରି କୌଣସି ବ୍ୟକ୍ତି ଦୃଶ୍ୟମାନ ହେଉ ନଥିଲା ଯାହା ଉପରେ ସେହି ଅଧିପତି ଉପକାର କରି ନଥିବ । ଅର୍ଥାତ୍ ସେହି ଅବିଶ୍ୱାସକାରୀ ଅଧିପତି ଅନେକ ଲୋକମାନଙ୍କ ଉପରେ ଉପକାର କରିଥିଲା । ସେତେବେଳେ ଆମ (ସାହାବାମାନଙ୍କ) ଅବସ୍ଥା ଏବଂ ଆମର ମନ ଖାଲି ଏହା ଚାହୁଁଥିଲା ଯେ, ଏପରି ହୁଅନ୍ତା କି ! ଆମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଉପରେ ସେହି ବ୍ୟକ୍ତିର ଉପକାର ନଥାଆନ୍ତି କି ? ଅର୍ଥାତ୍ ସେହି ବ୍ୟକ୍ତିର ଆମମାନଙ୍କର କୌଣସି ଉପକାର ନଥାଆନ୍ତା କି ? ଠିକ୍ ସେତିକିବେଳେ ଜଣେ ବ୍ୟକ୍ତି ଆମମାନଙ୍କ ମଧ୍ୟରୁ ଆଗକୁ ଅଗ୍ରସର ହେଲା ସେହି ବ୍ୟକ୍ତି ଆପାଦ ମସ୍ତକ ଲୌହ ମୁକୁଟ ଏବଂ ଲୌହ କବଚ ପରିଧାନ କରିଥିଲା ଏବଂ ସେ ଅତ୍ୟନ୍ତ ଉତ୍ସାହର ସହିତ ଉକ୍ତ ଅଧିପତିକୁ ସମ୍ବୋଧିତ କରି କହିବାକୁ ଲାଗିଲା, ହେ ଅବିଶ୍ୱାସକାରୀ ଅଧିପତି ! ତୁମେ ନିଜର ଅପବିତ୍ର ହସ୍ତକୁ ହଟାଇ ନିଅ । ଏହି ଲୌହ କବଚ ପରିଧାନ କରିଥିବା ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର ର.ଅ ଏବଂ ସେ ହିଁ ଏପରି କହିଥିଲେ । ସୁତରାଂ ଅଧିପତି ଯେତେବେଳେ ହ. ଅବୁ ବକ୍କର ର.ଅଙ୍କୁ ଚିହ୍ନି ପାକଇଲା ସେତେବେଳେ କହିଲା ହେ ଅବୁ ବକ୍କର ! ମୁଁ ତୁମକୁ କିଛି ବି କହି ପାରିବି ନାହିଁ । କାରଣ ମୁଁ ତୁମ ଉପରେ କୌଣସି ଉପକାର କରି ନାହିଁ ।" **(ହିନ୍ଦୁସ୍ତାନୀ ଉଲ (ଅବଶିଷ୍ଟାଂଶ.....ପୃ-10ରେ) ଝନୋଁକା ଆସାନ୍ ତରିନ୍ ହଲ୍, ଅନ (ଅବଶିଷ୍ଟାଂଶ.....ପୃ-10ରେ) ୱାରୁଲ୍ ଉଲୁମ୍, ଭାଗ-18, ପୃ-560)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ପ୍ରନଷ୍ଟ ହୁଲେିସ୍ ବିନ୍ ଅଲ୍‌କମା କିନାନୀ ଯିଏ ଅହାବିଶ୍ ସଂପ୍ରଦାୟର ଅଧିପତି ଥିଲା । ଅହାବିଶ୍ କୁରୈଶର ମିତ୍ର ସଂପ୍ରଦାୟ ଥିଲା ଏବଂ ସେମାନେ ହବ୍‌ଶି ନାମକ ପର୍ବତର ପାଦଦେଶରେ ଏହି ପ୍ରଣ ନେଇଥିଲେ । ତେଣୁ ଏମାନଙ୍କୁ ଅହାବିଶ୍ ବୋଲି କୁହନ୍ତି । ସେ ଅର୍ଥାତ୍ ହୁଲେିସ୍ ବିନ୍ ଅଲ୍‌କମା କିନାନୀ କହିଲା, ମୋତେ ଆଁହଜରତ ସ.ଅଙ୍କ ନିକଟକୁ ଯିବାକୁ ଦିଅ । କୁରୈଶ୍‌ମାନେ କହିଲେ, ହଉ ଯାଅ । ସେ ଯେତେବେଳେ ଆଁହଜରତ ସ.ଅଙ୍କୁ ଉଚ୍ଚ ସ୍ଥାନରୁ ଦେଖିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ଏ ବ୍ୟକ୍ତି ହେଉଛି ଅମକ ବ୍ୟକ୍ତି ଯିଏ ଏପରି ସଂପ୍ରଦାୟ ସହିତ ସଂପର୍କ ରଖୁଛି ଏବଂ ସେ ଜୀବମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶ କରନ୍ତି ଏବଂ ସାହାବାମାନଙ୍କୁ ଆଁହଜରତ ସ.ଅ କହିଲେ, ହେ ସାହାବାମାନେ ! ଉକ୍ତ ବ୍ୟକ୍ତିକୁ କୁର୍ବାନୀର ଜୀବମାନଙ୍କୁ ଦେଖାଇବା ନିମନ୍ତେ ବଳିଦାନର ଜୀବମାନଙ୍କୁ ଆଗକୁ ଅତିକ୍ରମ କରାଅ ।

ସୁତରାଂ ସାହାବାମାନେ ଜୀବମାନଙ୍କୁ ଆଗକୁ ପ୍ରେରଣ କରିଦେଲେ । ସେ ଯେତେବେଳେ ଉପତ୍ୟକାର କଡ଼ରେ ସେହି ଜୀବମାନଙ୍କୁ ଦେଖିଲା ଯେଉଁ ଜୀବମାନଙ୍କ ବେକରେ ମାଳା ଥିଲା ଏବଂ ଉକ୍ତ ମାଳା ଜୀବମାନଙ୍କ ବେକରେ ଅଧିକ ଦିନ ପର୍ଯ୍ୟନ୍ତ ରହିବା ଫଳରେ ସେମାନଙ୍କର ବେକ ଝଡ଼ି ଯାଇଥିଲା । ଅର୍ଥାତ ପତଳା ହୋଇଯାଇଥିଲା । ସେହି ଜୀବମାନେ ବାରମ୍ବାର ଶବ୍ଦ ବାହାର କରୁଥିଲେ । ଅର୍ଥାତ୍ ବୋବାଉ ଥିଲେ । ସାହାବାମାନେ **ତଲ୍‌ବିୟାହ୍ (ଲବ୍ବୈକ୍ ଅଲ୍ଲାହୁମ୍ମା ଲବ୍ବୈକ୍ ଲବ୍ବୈକ୍ ଲା ଶରିକା ଲକା ଲବ୍ବୈକ୍ ଇନ୍ନଲ୍ ହମ୍‌ଦା ୱନ୍ ନିମତା ଲକା ୱଲ୍ ମୁଲ୍‌କ୍...........)** କହିବା ସଙ୍ଗେସଙ୍ଗେ ସେମାନଙ୍କୁ ସ୍ୱାଗତ ଜଣାଇଲା ଏବଂ ସେ ଅର୍ଦ୍ଧ ମାସ ହେଲା ଏଠାରେ ଅବସ୍ଥାନ କରିଛନ୍ତି । ସେମାନେ ସୁଗନ୍ଧ ବୋଲି ହୋଇ ନଥିଲେ । ଅର୍ଥାତ୍ ସାହାବାମାନେ କୌଣସି ସୁଗନ୍ଧ ବୋଲି ହୋଇ ନଥିଲେ ଏବଂ ସେମାନଙ୍କର କେଶ ବିକ୍ଷିପ୍ତ ଥିଲା । ସେ ଯେତେବେଳେ ଏହି ଦୃଶ୍ୟ ଦେଖିଲା ସେତେବେଳେ ସେ ଏହା କହିଲା କି **ସୁବ୍‌ହାନଲ୍ଲାଃ** ! ସେହି ଲୋକମାନଙ୍କ ପକ୍ଷେ ଏହା ଉଚିତ୍ ନୁହଁ ଯେ, ସେମାନଙ୍କୁ ବୈତୁଲ୍ଲାଃର ପରିକ୍ରମା କରିବାରୁ ଅଟକାଇ ଦିଆଯାଉ । ତା'ର ହୃଦୟ ତୁରନ୍ତ ତରଳି ଗଲା । ସେ କହିବାକୁ ଲାଗିଲା ଯେ, ଅଲ୍ଲାଃତାଲା ଉକ୍ତ କଥାର ଅନୁମତି ପ୍ରଦାନ କରି ନାହାନ୍ତି ଯେ, **ଲଖମ୍, ଜୁଜାମ୍** ଓ **ହିମୈର୍** ଆଦି ସଂପ୍ରଦାୟମାନେ ହଜ୍ କରିବେ ଏବଂ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ପୁତ୍ରକୁ ହଜ୍ କରିବାରୁ ଅଟକାଇ ଦିଆଯାଉ । ଏହା ଉଚିତ୍ ନୁହଁ ଯେ, କୁରୈଶ୍‌ମାନେ ସେମାନଙ୍କୁ ଅର୍ଥାତ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ର ସଂପ୍ରଦାୟକୁ ବୈତୁଲ୍ଲାଃର ପରିକ୍ରମା କରିବାରୁ ଅଟକାଇ ଦେବେ । ମୁଁ କାଆବ୍‌ର ଈଶ୍ୱରଙ୍କ ଶପଥ (ରାଣ ଖାଇ) କରି କହୁଛି ଯେ, କୁରୈଶ୍‌ମାନେ ମୃତ୍ୟୁବରଣ କରନ୍ତୁ । ନିଃସନ୍ଦେହ ! ଏମାନେ ଉମ୍ରାହ୍ କରିବା ନିମନ୍ତେ ଆସିଛନ୍ତି । ସେହି ଅଧିପତି ମୁସଲମାନମାନଙ୍କର ସମର୍ଥନରେ ଉକ୍ତ କଥା କହିଥିଲା । ଉକ୍ତ କଥା ଶୁଣି ଆଁହଜରତ ସ.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ହେ ବନୁ କିନାନାର ଭାଇମାନେ ! ହଁ ପରା ଏମିତିଆ କଥା ଅଛି (ଘଟଣାଟି ଏହିପରି ଅଟେ) । ଆପଣ ସ.ଅ ସେହି ବ୍ୟକ୍ତିକୁ ଏହିପରି ଉତ୍ତର ଦେଲେ ଯେ, ସେହି ବ୍ୟକ୍ତି ଏପରି ଗଭୀର ଭାବରେ ପ୍ରଭାବିତ ହେଲା ଯେ, କୁରୈଶ୍‌ମାନଙ୍କ ଆଡ଼କୁ ଯାଇ କହିବାକୁ ଲାଗିଲା ଯେ, ହେ କୁରୈଶ୍ ! ମୁଁ ଏପରି ବସ୍ତୁ ଅବଲୋକନ (ଦେଖିଛି) କରିଛି ଯେ, ସେହି ପ୍ରସଙ୍ଗ ଯୋଗୁଁ ମୁସଲମାନମାନଙ୍କୁ ଅଟକାଇବା ସମ୍ଭବପର ନୁହେଁ । ମୁଁ ଜୀବମାନଙ୍କୁ ଦେଖିଛି । ସେହି ଜୀବମାନଙ୍କ ବେକରେ ହାର (ମାଳା) ଯୋଗୁଁ ସେହି ଜୀବମାନଙ୍କର ବେକରେ ଥିବା ଲୋମ ଝଡ଼ି ପଡ଼ିଛି ଏବଂ ସେହି ହାର ସେମାନଙ୍କ ବେକରେ ଅନେକ ଦିନ ଓ ଅନେକ ସମୟ ଧରି ସେହିପରି ପଡ଼ି ରହିଛି । ଲୋକମାନଙ୍କର କେଶ ବିକ୍ଷିପ୍ତ ହୋଇ ସାରିଥିଲା ।

ଏସବୁ ଏଇଥି ପାଇଁ ଯେ, ସେମାନେ ବୈତୁଲ୍ଲାଃର ପରିକ୍ରମା କରିପାରିବେ ଏବଂ ମୁଁ ଅଲ୍ଲାଃତାଲାଙ୍କର ଶପଥ (ରାଣ ଖାଇ) କରି କହୁଛି ଆମେମାନେ ଉକ୍ତ କଥା ଉପରେ ତୁମ ସହିତ ଚୁକ୍ତି କରି ନଥିଲୁ । ସେ ଅବିଶ୍ୱାସକାରୀଙ୍କୁ କହିଲା, ଆମେମାନେ ତୁମ ସହିତ ଉକ୍ତ କଥା ଯୋଗୁଁ ଚୁକ୍ତି କରି ନଥିଲୁ ଓ ନା ହିଁ ଆମେମାନେ ତୁମ ସହିତ ଉକ୍ତ କଥାକୁ କେନ୍ଦ୍ର କରି ଅଙ୍ଗୀକାର କରିଥିଲୁ ଯେ, ତୁମେମାନେ ପ୍ରତ୍ୟେକ ବ୍ୟକ୍ତିକୁ ଅଟକାଇ ଦେବ ଯିଏ ବୈତୁଲ୍ଲାଃର ମର୍ଯ୍ୟାଦା ଏବଂ ସମ୍ମାନକୁ ଅକ୍ଷୁର୍ଣ୍ଣକାରୀ ହେବ ଏବଂ ବୈତୁଲ୍ଲାଃର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ହେବ । ସେ (ମୁହମ୍ମଦ ସ.ଅ) ବଳିଦାନର ଜୀବ ନେଇ ସେମାନଙ୍କୁ ସେହି ସ୍ଥାନ ପର୍ଯ୍ୟନ୍ତ ନେଇ ଯିବାକୁ ଚାହୁଁଛି । ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋର ପ୍ରାଣବାୟୁ ରହିଛି । ତୁମେମାନେ କାଆବା ପର୍ଯ୍ୟନ୍ତ ନେଇଯାଉଥିବା ମାର୍ଗକୁ ସେମାନଙ୍କ ପାଇଁ ଖାଲି କରିଦିଅ । ଅନ୍ୟଥା ମୁଁ ନିଜର ଲୋକମାନଙ୍କୁ ନେଇ ତୁମର ସାହଚର୍ଯ୍ୟତ୍ୱକୁ ପରିତ୍ୟାଗ କରିଦେବି ।

ସେ (ହୁଲେିସ୍) କହିଲା, ମୁସଲମାନମାନଙ୍କୁ ଯିବାକୁ ଦିଅ ଓ ମୁସଲମାନମାନଙ୍କୁ ଉମ୍ରାହ୍ କରିବା ନିମନ୍ତେ ଅନୁମତି ଦିଅ । କୁରୈଶ୍‌ମାନେ କହିଲେ, ହେ ହୁଲେିସ୍ ! ତୁମେ ଚୁପ୍ ରୁହ । କାରଣ ଆମେମାନେ ନିଜ ଇଚ୍ଛା ମୁତାବକ ସର୍ତ୍ତାବଳୀ ସେମାନଙ୍କୁ ସ୍ୱୀକାର କରାଇ ନେବୁ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, କୁରୈଶ୍‌ମାନେ କହିଲେ, ହେ ହୁଲେିସ୍ ! ତୁ ବସି ପଡ଼ ! ତୁ ଜଣେ ଗାଉଁଲି ଲୋକ ଅଟୁ । ତୋତେ କିଛି ଜଣା ନାହିଁ । ତୁ ମୁହମ୍ମଦ ସ.ଅଙ୍କ ଠାରୁ ଯାହାକିଛି ଶୁଣିଅଛୁ ଏବଂ ଯାହା କିଛି ଦେଖିଅଛୁ ତାହା ସବୁ ମାୟା ଏବଂ ଚଞ୍ଚକତା ଅଟେ । ନାଉଜୁବିଲ୍ଲାଃ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-45, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଉକ୍ତ ଯାତ୍ରାରେ ହ. କାଆବ୍ ବିନ୍ ଉଜ୍ରାହ୍ ନିମନ୍ତେ ଏହରାମ୍‌ରେ କେଶ ମୁଣ୍ଡନ କରିବାରେ ଅନୁମତିର ଚର୍ଚ୍ଚା ରହିଛି । ଏହାର ସବିଶେଷ ବିବରଣୀ ଏହିପରି ବର୍ଣ୍ଣିତ ହୋଇଛି ଯେ, ହ. କାଆବ୍ ବିନ୍ ଉଜ୍ରାହ୍ ବର୍ଣ୍ଣନା କରନ୍ତି ଯେ, ଆମେମାନେ ହୁଦେବିୟାହ୍ ସ୍ଥାନରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଥିଲୁ । ଆମେମାନେ ଏହରାମ୍ ଅବସ୍ଥାରେ ଥିଲୁ । ଅବିଶ୍ୱାସକାରୀମାନେ ଆମର ଘେରାଉ କରି ରଖିଥିଲେ ମୋର କେଶ ଲମ୍ବା ଥିଲା । ଉକୁଣୀ ମୋ ମୁଖମଣ୍ଡଳରେ ପଡ଼ିବାକୁ ଲାଗିଲେ । ଆପଣ ସ.ଅ ମୋ ପାଖ ଦେଇ ଅତିକ୍ରମ କଲେ । ଆପଣ ସ.ଅ କହିଲେ, ହେ କାଆବ୍ ବିନ୍ ଉଜ୍ରାହ୍! କ'ଣ ତୁମ ମୁଣ୍ଡରେ ଥିବା ଉକୁଣୀମାନେ ତୁମକୁ କଷ୍ଟ ଦେଉଛନ୍ତି କି ? ମୁଁ କହିଲି (କାଆବ୍ ବିନ୍ ଉଜ୍ରାହ୍) ହଁ । ଆପଣ ସ.ଅ କହିଲେ, ମୋର ଏହି ଧାରଣା ନଥିଲା ଯେ, ଉକୁଣୀମାନେ ତୁମକୁ ଏଭଳି କଷ୍ଟ ଦେବେ ଏବଂ ତୁମର କଷ୍ଟ ଏପରି ବୃଦ୍ଧି ପାଇବ । ଆପଣ ସ.ଅ ମୋତେ କେଶ ମୁଣ୍ଡନ କରିବା ନିମନ୍ତେ ଆଦେଶ ଦେଲେ ଯେ, ତୁମ ପ୍ରଥମେ ନିଜର କେଶ ମୁଣ୍ଡନ କରି ପାରିବ । ଅଲ୍ଲାଃତାଲା ଉକ୍ତ ଆୟତ୍ ଅବତୀର୍ଣ୍ଣ କଲେ ଯେ, فَمَنۡ کَانَ مِنۡکُمۡ مَّرِیۡضًا اَوۡ بِہٖۤ اَذًی مِّنۡ رَّاۡسِہٖ فَفِدۡیَۃٌ مِّنۡ صِیَامٍ اَوۡ صَدَقَۃٍ اَوۡ نُسُکٍ **(ଅଲ୍ ବକ୍ରାହ: 197)** ଅର୍ଥାତ୍ ତୁମମାନଙ୍କ ମଧ୍ୟରୁ ଯେକେହି ପୀଡ଼ିତ ହୁଏ ବା ଯାହାର ମସ୍ତକରେ ପୀଡ଼ା ଯୋଗୁଁ ଯନ୍ତ୍ରଣା ଅନୁଭୂତ ହେଉଥାଏ ଏବଂ ସେ ମସ୍ତକ ମୁଣ୍ଡନ ଅର୍ଥାତ୍ କେଶ ମୁଣ୍ଡନ କରେ ତେବେ ଏଥିଯୋଗୁଁ ରୋଜା, ଦାନ ବା କୁର୍ବାନୀ ପ୍ରକାରର କିଛି କ୍ଷତିପୂରଣ ଦେବାକୁ ହେବ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-35, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଇତି ମଧ୍ୟରେ କୁରୈଶମାନଙ୍କ ପକ୍ଷରୁ ମିକ୍ରଜ୍ ବିନ୍ ହଫସ୍‌କୁ ରାଜଦୂତ ଭାବରେ ପ୍ରେରଣ କରିବାର ମଧ୍ୟ ଚର୍ଚ୍ଚା ମିଳେ । ଯେପରିକି ପୂର୍ବେ ଚର୍ଚ୍ଚା ହୋଇ ସାରିଛି ଯେ, କୁରୈଶ୍‌ମାନଙ୍କ ଠାରୁ ଅନୁମତି ନେବା ପରେ ବିଭିନ୍ନ ଲୋକମାନେ ରାଜଦୂତ ସ୍ୱରୂପ ଆଁହଜରତ ସ.ଅଙ୍କ ନିକଟକୁ ଆସିଥିଲେ । ସେ ଯାହା ହେଉ ସେମାନଙ୍କ ମଧ୍ୟରେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" (ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

ମିକ୍‌ରଜ୍ ବିନ୍ ହଫସ୍‌ର ଚର୍ଚ୍ଚା ମଧ୍ୟ ମିଳେ । ସେ ମଧ୍ୟ କୁରୈଶ୍‌କୁ କହିଲା ଯେ, ମୋତେ ମୁହମ୍ମଦ ସ.ଅଙ୍କ ନିକଟକୁ ଯିବାକୁ ଦିଅ । ସେ ଯେତେବେଳେ ଆସିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ତା'କୁ ଦେଖି କହିଲେ: "ମିକ୍ରଜ୍ ବିନ୍ ହଫସ୍ ଜଣେ ବିଶ୍ୱାସଘାତକ (ଧୋକାବାଜ୍)ବ୍ୟକ୍ତି ଅଟେ । ସେହିପରି ବର୍ଣ୍ଣନାରେ ଫାଜିର୍ (ପାପୀ) ବ୍ୟକ୍ତିର ମଧ୍ୟ ଉଲ୍ଲେଖ ରହିଛି । ଯେତେବେଳେ ସେ (ମିକ୍ରଜ୍) ଆଁହଜରତ ସ.ଅଙ୍କ ନିକଟକୁ ଆସିଲା ସେତେବେଳେ ରସୁଲ୍ଲାଃ ସ.ଅ ତା'କୁ ସେହି କଥା କହିଲେ ଯାହା ବା ଯେଉଁ କଥା ଆପଣ ସ.ଅ ଉର୍‌ୱହା ଏବଂ ବୁଦୈଲ୍‌କୁ କହିଥିଲେ । ପୁନଶ୍ଚ ଏତଦ୍‌ପରେ ସେ ନିଜର ସାଥିମାନଙ୍କ ଆଡ଼କୁ ଫେରିଗଲା ଏବଂ ସେମାନଙ୍କୁ ସେହି କଥା ସଂପର୍କରେ ସୂଚନା ଦେଲା ଯେଉଁ କଥା ସେ ଆଁହଜରତ ସ.ଅଙ୍କ ସହିତ ହୋଇଥିଲା ।"

ରସୁଲୁଲ୍ଲାଃ ସ.ଅଙ୍କ ଉକ୍ତ ପ୍ରସଙ୍ଗରେ ହ. ଖିରାଶ୍ ବିନ୍ ଉମୈୟାହଙ୍କୁ କୁରୈଶ୍ ଅଭିମୁଖେ ପ୍ରେରଣ କରିବାର ଚର୍ଚ୍ଚା ମଧ୍ୟ ମିଳେ । ଅର୍ଥାତ୍ ଆପଣ ସ.ଅଙ୍କ ଜଣେ ରାଜଦୂତ ପ୍ରେରଣ କଲେ । ମୁହମ୍ମଦ ବିନ୍ ଇସ୍‌ହାକ୍ ଉଲ୍ଲେଖ କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ନିଜର ଓଟମାନଙ୍କ ଉପରେ ହ. ଖିରାଶ୍ ବିନ୍ ଉମୈୟାହ୍‌ଙ୍କୁ କୁରୈଶ୍ ଆଡ଼କୁ ପ୍ରେରଣ କଲେ । ସେହି ଓଟର ନାମ ସାଆଲବ୍ ଥିଲା । କାରଣ ହ. ଖିରାଶ୍ କୁରୈଶ୍‌ମାନଙ୍କ ପର୍ଯ୍ୟନ୍ତ ସେହି ବାର୍ତ୍ତା ପହଞ୍ଚାଇ ଦିଅନ୍ତୁ ଯେଉଁଥି ପାଇଁ ସେ ଆସିଛନ୍ତି। ତେବେ ଇକ୍ରମା ବିନ୍ ଅବି ଜହଲ୍ (ଅବୁ ଜହଲ୍‌ର ପୁତ୍ର ଇକ୍ରମା) ଓଟର ଗୋଛି (رِجْل) କାଟି ପକାଇଲେ । ଇକ୍ରମା ଉକ୍ତ ପ୍ରତିନିଧିର ହତ୍ୟାର ମଧ୍ୟ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ ଅହାୟିଶ୍ ତା'କୁ ଅଟକାଇ ଦେଲା । ଅତଏବ୍ ସେମାନେ ହ. ଖିରାଶ୍‌କୁ ଯିବାକୁ ଦେଲେ ଏବଂ ସେ ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଫେରି ଆସିଲେ । ହ. ଖିରାଶ୍ ର.ଅଙ୍କ ସହିତ ଯାହା ଘଟିଥିଲା ସେହି ସମସ୍ତ ଘଟଣା ବୃତ୍ତାନ୍ତ ସେ ଆଁହଜରତ ସ.ଅଙ୍କୁ ଜଣାଇଲେ। **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-46, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ସେ ଯାହା ହେଉ କୁରୈଶ୍‌ମାନେ ଶାନ୍ତି ଭଙ୍ଗର ସ୍ଥିତି ସୃଷ୍ଟି କରି ଚାଲିଲେ । କିନ୍ତୁ ଆଁହଜରତ ସ.ଅ ଅଣଦେଖା କରି ଚାଲିଲେ । ଏହାର ବିସ୍ତୃତ ବିବରଣୀ ଏକ ସ୍ଥଳେ ହ. ମିର୍ଜା ବଶୀର୍ ଅହେମଦ ସାହେବ ଏହିପରି ଉଲ୍ଲେଖ କରିଛନ୍ତି ଯେ, ମକ୍କାର କୁରୈଶ୍‌ମାନେ କେବଳ ଏତିକିରେ ଯଥେଷ୍ଟ ବା ଅଟକିଗଲେ ନାହିଁ । ବରଂ ନିଜର ଉତ୍ସାହରେ ସେମାନେ ଅନ୍ଧ ହୋଇ ଉକ୍ତ କଥାର ମଧ୍ୟ ଇଚ୍ଛା ପ୍ରକାଶ କଲେ ଯେ, ବର୍ତ୍ତମାନ ଆଁହଜରତ ସ.ଅ ଆପଣ ସ.ଅଙ୍କ ସାହାବାମାନେ ମକ୍କା ଠାରୁ ଏତେ ନିକଟତର ହୋଇଯାଇଥିଲେ ଏବଂ ମଦିନା ଠାରୁ ଏତେ ଦୂରକୁ ଚାଲି ଆସିଥିଲେ। ତେବେ ଏମାନଙ୍କ ଉପରେ ଆକ୍ରମଣ କରି ଯଥାସମ୍ଭବ ଏମାନଙ୍କର କ୍ଷତି ସାଧନ କରାଯାଉ । ସୁତରାଂ ଉକ୍ତ ଅଭିପ୍ରାୟ ନିମନ୍ତେ ସେମାନେ 40, 50 ଜଣ ଲୋକଙ୍କର ଏକ ସୈନ୍ୟଦଳ ହୁଦୈବିୟାହ୍ ଅଭିମୁଖେ ପ୍ରେରଣ କଲେ । ଉକ୍ତ କଥୋପକଥନ ଉଭୟ ପକ୍ଷଙ୍କ ମଧ୍ୟରେ ଜାରି ରହିଥିଲା ସେହି ଲୋକମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ କଲେ ଯେ, ଇସ୍‌ଲାମୀୟ ଶିବିରର ଆଖପାଖରେ ପରିକ୍ରମା କରି ସୁଯୋଗକୁ ଅପେକ୍ଷା କର ଏବଂ ସୁଯୋଗ ଦେଖି ମୁସଲମାନମାନଙ୍କର କ୍ଷତି ସାଧନ କରୁଥାଅ । କେବଳ ସେତିକି ନୁହେଁ ବରଂ ବର୍ଣ୍ଣନାରୁ ଏହା ମଧ୍ୟ ଜ୍ଞାତ ହୁଏ ଯେ, ଏହି ଲୋକମାନଙ୍କର ସଂଖ୍ୟା ୫0 ଥିଲା। ଇତ୍ୟବସରରେ କୁରୈଶ୍‌ମାନେ ଆଁହଜରତ ସ.ଅଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର ମଧ୍ୟ ରଚିଥିଲେ । ଉକ୍ତ ହତ୍ୟା ଷଡ଼ଯନ୍ତ୍ରର ରହସ୍ୟ ଉନ୍ମୁକ୍ତ ହୋଇଗଲା ଏବଂ ଏହି ସମସ୍ତ ଲୋକମାନଙ୍କୁ ଗିରଫ କରିନିଆଗଲା । ମକ୍କାବାସୀଙ୍କ ପକ୍ଷରୁ ମୁସଲମାନମାନଙ୍କ ପ୍ରତି ଅଶ୍‌ହରେ ହରମ୍ (ପବିତ୍ର ମାସ) ଏବଂ ପୁନଶ୍ଚ ହରମ୍ (ପବିତ୍ର ନିଷିଦ୍ଧାଞ୍ଚଳ) ଅଞ୍ଚଳରେ କ୍ରୂରତା ପ୍ରଦର୍ଶନ କରାଗଲା ତାହା ଅତ୍ୟନ୍ତ ଉତ୍ୟକ୍ତ ଜନିତ ପ୍ରସଙ୍ଗ ଥିଲା । କିନ୍ତୁ ଆଁହଜରତ ସ.ଅ ସେହି ଲୋକମାନଙ୍କୁ କ୍ଷମା ପ୍ରଦାନ କରିଦେଲେ ଏବଂ ସନ୍ଧି ସ୍ଥାପନ ନିମନ୍ତେ ବାର୍ତ୍ତାଳାପରେ କୌଣସି ବାଧା ସୃଷ୍ଟି ହେବାକୁ ଦେଲେ ନାହିଁ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-759-760)**

ପୁନଶ୍ଚ ଏହି ଚର୍ଚ୍ଚା ମଧ୍ୟ ମିଳେ ଏବଂ ଉକ୍ତ ଘଟଣାଟି ଅତ୍ୟନ୍ତ ବିଖ୍ୟାତ ଘଟଣା ଅଟେ । ହ. ଉସ୍‌ମାନ୍ ର.ଅଙ୍କୁ ମଧ୍ୟ ସେତେବେଳେ ରାଜଦୂତ ସ୍ୱରୂପ ଆଁହଜରତ ସ.ଅ ପ୍ରେରଣ କରିଥିଲେ । ଅଲ୍ଲାମା ବହିକି ଉର୍‌ୱାଙ୍କ ଠାରୁ ବର୍ଣ୍ଣନା କରିଛନ୍ତି ଯେ, ନବୀ କରୀମ୍ ସ.ଅ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କୁ ଡକାଇଲେ । କାରଣ ଆପଣ ସ.ଅ ତାଙ୍କୁ କୁରୈଶ୍ ଅଭିମୁଖେ ପ୍ରେରଣ କରିବେ । ତେଣୁ ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୁରୈଶ ମୋର ଶତ୍ରୁତା ସହିତ ସୁପରିଚିତ ଅଟନ୍ତି । ତେଣୁ ମୋ ଜୀବନ ପ୍ରତି ଭୟ ଓ ବିପଦ ରହିଛି । ସେହପରି ବନୁ ଅଦି ସଂପ୍ରଦାୟରୁ ଏପରି ବ୍ୟକ୍ତି ନାହିଁ ଯିଏ ମୋତେ ସୁରକ୍ଷା ପ୍ରଦାନ କରିପାରିବ । ହ. ଉମର୍ ର.ଅ କହିବାକୁ ଲାଗିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ସ.ଅ ! ମୁଁ ଆପଣ ସ.ଅଙ୍କୁ ଏମିତି ଏକ ବ୍ୟକ୍ତିର ନାମ କହୁଛି ଯେଉଁ ବ୍ୟକ୍ତିର ମକ୍କାରେ ମୋ ଠାରୁ ଅଧିକ ସମ୍ମାନ ଓ ଖ୍ୟାତି ରହିଛି ଏବଂ ସେହି ବ୍ୟକ୍ତିର ବଂଶ ବହୁତ ବଡ଼ ବଂଶ ଅଟେ । ସେହି ବଂଶ ଉକ୍ତ ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରିବେ ଏବଂ ଆପଣ ସ.ଅ ଯାହା ଚାହୁଁଛନ୍ତି ସେହି ବ୍ୟକ୍ତି ଆପଣ ସ.ଅଙ୍କର ସନ୍ଦେଶକୁ ପହଞ୍ଚାଇ ଦେବେ ଏବଂ ସେହି ବ୍ୟକ୍ତି ହେଉଛନ୍ତି ହ. ଉସମାନ ବିନ୍ ଅଫ୍ଫାନ୍ ର.ଅ । ହ. ଉମର୍ ର.ଅ କୌଣସି ପ୍ରାଣ ଭୟରେ ଉକ୍ତ କଥା କହି ନଥିଲେ । ସେ କେବଳ ଏତିକି କହିଥିଲେ ଯେ, ମୁଁ ଯଦି ମକ୍କା ଯାଏ ତେବେ ମୋତେ ମକ୍କାବାସୀ ହତ୍ୟା କରିଦେବେ ଏବଂ ସନ୍ଦେଶ ପହଞ୍ଚାଇବାର ଯେଉଁ ଅଭିପ୍ରାୟ ରହିଛି ତାହା ସଂପୂର୍ଣ୍ଣ ହେବ ନାହିଁ । ଏକ ଉପଦ୍ରବ ସୃଷ୍ଟି ହୋଇଯିବ । ତେଣୁ ଉଚିତ୍ ହେବ ଯେ, ମୁଁ ସେଠାକୁ ଯିବି ନାହିଁ । ବରଂ ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ସେଠାକୁ ଯାଆନ୍ତୁ ।

ହୁଜୁର ଅନୱର୍ ଅ.ବ କହିଲେ, ସେ ଯାହା ହେଉ ରସୁଲୁଲ୍ଲାଃ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ଡକାଇଲେ ଏବଂ କହିଲେ, ହେ ଉସ୍‌ମାନ୍ ! ତୁମେ କୁରୈଶ୍‌ମାନଙ୍କ ନିକଟକୁ ଯାଇ ସେମାନଙ୍କୁ ଏହି ସୂଚନା ଦିଅ ଯେ, ଆମେମାନେ ଏଠାକୁ ସେମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ନୁହେଁ ବରଂ ଆମେମାନେ ଏଠାକୁ ଉମ୍ରାହ୍ କରିବା ନିମନ୍ତେ ଆସିଅଛୁ । **(ସବ୍‌ଲୁଲ୍ ହୁଦା, ୱର୍ ରଶ୍ଶାଦ୍, ଭାଗ-5, ପୃ-46, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ଏହାର ବିସ୍ତୃତ ବିବରଣୀ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଆଁହଜରତ ସ.ଅ......ହ. ଉସ୍‌ମାନ୍ ର.ଅଙ୍କୁ କହିଲେ, ସେ ମକ୍କା ଯାଆନ୍ତୁ ଏବଂ କୁରୈଶ୍‌ମାନଙ୍କୁ ମୁସଲମାନମାନଙ୍କ ଶାନ୍ତିପୂର୍ଣ୍ଣ ଇଚ୍ଛାଭିପ୍ରାୟ ଏବଂ ଉମ୍ରାହର ଉଦ୍ଦେଶ୍ୟ ସହିତ ଅବଗତ କରାନ୍ତୁ । ଆପଣ ସ.ଅ ହ. ଉସ୍‌ମାନ୍ ର.ଅଙ୍କୁ ନିଜ ଆଡୁ ଏକ ଉଲ୍ଲେଖ ମଧ୍ୟ ଲେଖି ଦେଲେ । ସେହି ଉଲ୍ଲେଖ କୁରୈଶ୍‌ମାନଙ୍କର ଅଧିପତିଙ୍କ ନାମରେ ଥିଲା। ଉକ୍ତ ଲେଖନୀରେ ଆଁହଜରତ ସ.ଅ ନିଜ ଆଗମନର ଅଭିପ୍ରାୟ ବର୍ଣ୍ଣନା କରି ଏବଂ କୁରୈଶ୍‌ମାନଙ୍କୁ ଆଶ୍ୱାସ୍ତ କଲେ ଯେ, ହେ କୁରୈଶ୍‌ମାନେ ! ଆମମାନଙ୍କର ଉଦ୍ଦେଶ୍ୟ କେବଳ ଉପାସନା ସମ୍ପାଦନ କରିବା ଅଟେ । ଆମେମାନେ ଶାନ୍ତିପୂର୍ଣ୍ଣ ଭାବରେ ଉମ୍ରାହ କରି ଫେରିଯିବୁ । ଆପଣ ସ.ଅ ହ. ଉସମାନ୍ ର.ଅଙ୍କୁ ଏହା ମଧ୍ୟ କହିଥିଲେ ଯେ, ସେ ଅର୍ଥାତ୍ ହ. ଉସ୍‌ମାନ୍ ର.ଅ ମକ୍କାରେ ବାସ କରୁଥିବା ଦୁର୍ବଳ ମୁସଲମାନମାନଙ୍କୁ ମଧ୍ୟ ସାକ୍ଷାତ୍ କରନ୍ତୁ ଏବଂ ତାଙ୍କର ସାହାସକୁ ବୃଦ୍ଧି କରନ୍ତୁ ତଥା ଧୈର୍ଯ୍ୟ ଧରନ୍ତୁ । ଈଶ୍ୱର ଖୁବ୍ ନିକଟରେ ସଫଳତାର ଦ୍ୱାର ଉନ୍ମୁକ୍ତ କରିଦେବେ । ଅର୍ଥାତ୍ ଆଁହଜରତ ସ.ଅଙ୍କୁ ଉକ୍ତ କଥା ଉପରେ ଦୃଢ ବିଶ୍ୱାସ ରହିଥିଲା ।"

ଉକ୍ତ ସନ୍ଦେଶ ଘିନି ହ. ଉସ୍‌ମାନ୍ ର.ଅ ମକ୍କା ଗଲେ ଏବଂ ଅବୁ ସୁଫିୟାନ୍ ସହିତ ସାକ୍ଷାତ୍ କଲେ । ଅବୁ ସୁଫିୟାନ୍ ସେହି କାଳରେ ମକ୍କାର ସବୁଠୁ ବଡ଼ ଅଧିପତି ଥିଲା ଏବଂ ହ. ଉସ୍‌ମାନ୍ ର.ଅଙ୍କ ନିକଟବର୍ତ୍ତୀ ଓ ଆତ୍ମୀୟ ତଥା ପ୍ରିୟଜନ ମଧ୍ୟ ଥିଲା । ହ. ଉସ୍‌ମାନ୍ ର.ଅ ମକ୍କାବାସୀଙ୍କ ଏକ ସାଧାରଣ ଜନସମୂହରେ ଉପସ୍ଥିତ ହେଲେ । ଉକ୍ତ ଜନସମୂହରେ ଆପଣ ର.ଅ (ହ. ଉସ୍‌ମାନ୍ ର.ଅ) ଆଁହଜରତ ସ.ଅଙ୍କ ଉଲ୍ଲିଖିତ ସନ୍ଦେଶ ଉପସ୍ଥାପିତ କଲେ । ଉକ୍ତ ଉଲ୍ଲିଖିତ ସନ୍ଦେଶକୁ ମକ୍କାର କୁରୈଶ୍‌ମାନେ ଜଣେ ଜଣେ କରି ମଧ୍ୟ ଦେଖିଲେ । କିନ୍ତୁ ଏସବୁ ସତ୍ତ୍ୱେ ସେମାନେ ନିଜର ଜିଦ୍‌ରେ ଅଟଳ ରହିଲେ । କାରଣ ସେମାନେ ଏହା ଚାହୁଁଥିଲେ ଯେ, ମୁସଲମାନମାନେ ଚଳିତ ବର୍ଷ ମକ୍କାରେ ପ୍ରବେଶ କରି ପାରିବେ ନାହିଁ । ହ. ଉସ୍‌ମାନ୍ ର.ଅଙ୍କ ଜୋର୍ ଦେବା ଯୋଗୁଁ କୁରୈଶ୍‌ମାନେ କହିଲେ, ହେ ଉସ୍‌ମାନ୍ ! ତୁମେ ଯଦି ଏତେ ମାତ୍ରାରେ ଆଗ୍ରହୀ ଓ ଅଭିଳାଷୀ ତେବେ ଆମେ ତୁମକୁ ବ୍ୟକ୍ତିଗତ ରୂପେ ବୈତୁଲ୍ଲାଃ ପରିକ୍ରମା କରିବା ନିମନ୍ତେ ସୁଯୋଗ ପ୍ରଦାନ କୁରଛୁ ।

ହ. ଉସ୍‌ମାନ୍ ର.ଅଙ୍କୁ କୁରୈଶ୍‌ମାନେ ଏହି ଅଫର୍ ଉପସ୍ଥାପିତ କଲେ ଯେ, ସେ ଅର୍ଥାତ୍ ହ. ଉସ୍‌ମାନ୍ ର.ଅ ଏକା ଖାନା କାଆବାର ପରିକ୍ରମା କରି ନିଅନ୍ତୁ । କିନ୍ତୁ ଏହାଠୁ ଅଧିକ ଆମେ କିଛି କରି ପାରିବୁ ନାହିଁ । ହ. ଉସ୍‌ମାନ୍ ର.ଅ କହିଲେ, ଏହା କିପରି ସମ୍ଭବ ହୋଇ ପାରିବ ଯେ, ରସୁଲୁଲ୍ଲାଃ ସ.ଅ ମକ୍କା ବାହାରେ ଅଟକି ଯାଆନ୍ତୁ ଏବଂ ମୁଁ (ହ. ଉସ୍‌ମାନ୍ ର.ଅ) ବୈତୁଲ୍ଲାଃର ପରିକ୍ରମା କରିବି ? କିନ୍ତୁ କୁରୈଶ୍‌ମାନେ ହ. ଉସ୍‌ମାନ୍ ର.ଅଙ୍କ କୌଣସି କଥା ଶୁଣିଲେ ନାହିଁ କି ତାଙ୍କ କଥା ମାନିଲେ ନାହିଁ ଏବଂ ପରିଶେଷରେ ହ. ଉସ୍‌ମାନ୍ ର.ଅ ନିରାଶ ହୋଇ ଫେରି ଆସିବା ନିମନ୍ତେ ପ୍ରସ୍ତୁତ ହେଲେ । ଇତ୍ୟବସରରେ ମକ୍କାର ଉପଦ୍ରବୀ ଏବଂ ବଦ୍‌ମାଶ ଲୋକମାନଙ୍କ ମୁଣ୍ଡରେ ଏହି ଉପଦ୍ରବ ଢୁକିଲା ଯେ, ସେମାନେ ସମ୍ଭବତଃ ଏହି ଧାରଣା ରଖି ସନ୍ଧି ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କଲେ ଯେ, ସନ୍ଧି ସ୍ଥାପନରେ ଅଧିକ ଉପାଦେୟ ସର୍ତ୍ତାବଳୀ ପ୍ରାପ୍ତ ହୋଇ ପାରିବ । ହ. ଉସ୍‌ମାନ୍ ର.ଅ ଏବଂ ତାଙ୍କର ସାଥିମାନଙ୍କୁ ମକ୍କାରେ ଅଟକାଇ ଦିଆଗଲା । ଫଳତଃ ମୁସଲମାନମାନଙ୍କ ମଧ୍ୟରେ ଉକ୍ତ ଗୁଜବ ପ୍ରଚାରିତ ହୋଇଗଲା ଯେ, ମକ୍କାବାସୀ ହ. ଉସ୍‌ମାନ୍ ର.ଅଙ୍କୁ ହତ୍ୟା କରିଦେଇଛନ୍ତି।"

ଯେତେବେଳେ ଆଁହଜରତ ସ.ଅଙ୍କୁ ଉକ୍ତ ଖବର ପ୍ରାପ୍ତ ହେଲା ସେତେବେଳେ ଆପଣ ସ.ଅ ସେଠାରେ ସେହି ବୈଅତ୍ (ଦୀକ୍ଷା) ନେଲେ ଯାହାକୁ ବୈଅତେ ରିଜ୍‌ୱାନ ବୋଲି କୁହାଯାଏ । ଉକ୍ତ ଘଟଣାର ସବିଶେଷ ବିବରଣୀ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କ ଶାହାଦତ୍ (ବୀରଗତି ପ୍ରାପ୍ତ ହେବାର) ସୂଚନା ହୁଦୈବିୟାହ୍ ଠାରେ ପହଞ୍ଚିଲା ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ସୃଷ୍ଟି ହେଲା । କାରଣ ଉସ୍‌ମାନ୍ ର.ଅ ଆଁହଜରତ୍ ସ.ଅଙ୍କ ଜ୍ୱାଇଁ ଏବଂ ସମ୍ମାନିତ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଥିଲେ । ଆପଣ ର.ଅ (ହ. ଉସ୍‌ମାନ୍ ର.ଅ) ମକ୍କାରେ ଇସ୍‌ଲାମୀୟ ରାଜଦୂତ ରୂପେ ପ୍ରେରିତ ହୋଇଥିଲେ। ଯେଉଁ ମାସ ଏବଂ ଦିନ ଆପଣ ର.ଅ ମକ୍କା ଠାରେ ପ୍ରେରିତ ହୋଇଥିଲେ ସେଦିନ ଅଶ୍‌ହରେ ହରମ୍ ଥିଲା ।

ପୁନଶ୍ଚ ମକ୍କା ସ୍ୱୟଂ ଏକ ପବିତ୍ର ଭୂମି ହେତୁ ହରମର ଅଞ୍ଚଳ ଥିଲା । ଆଁହଜରତ ସ.ଅ ତୁରନ୍ତ ସମସ୍ତ ମୁସଲମାନମାନଙ୍କ ମଧ୍ୟରେ ଏହି ଘୋଷଣା କରିଦେଲେ ଯେ, ଯଦି ଉକ୍ତ ସୂଚନା ସଠିକ୍ ଅଟେ ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି!

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 23-30 January 2025 Issue No. 4-5

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ଆମେମାନେ ଏଠାରୁ ସେପର୍ଯ୍ୟନ୍ତ ହଟିବୁ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ହ. ଉସମାନ୍ ର.ଅଙ୍କ ଶାହାଦତର୍ ପ୍ରତିଶୋଧ (ବଦଲା ନେଇ ନାହୁଁ) ।" ପୁନଶ୍ଚ ଆପଣ ସ.ଅ ସାହାବାମାନଙ୍କୁ କହିଲେ, "ହେ ସାହାବାମାନେ ! ଆସ ଏବଂ ମୋ ହାତ ଉପରେ ହାତ ରଖ୍ (ଉକ୍ତ ପନ୍ଥା ହେଉଛି ବୈଅତ୍ ଅର୍ଥାତ୍ ଦୀକ୍ଷା ଗ୍ରହଣ କରିବାର ପନ୍ଥା)ଏହି ଅଙ୍ଗୀକାର ବା ପ୍ରଣ ନିଅ ଯେ, ତୁମେମାନଙ୍କ ମଧ୍ୟରୁ କୈଣସି ବ୍ୟକ୍ତି ପିଠି ଦେଖାଇ ପଳାୟନ କରିବ ନାହିଁ ଏବଂ ନିଜ ଜୀବନ ବାଜି ଲଗାଇ ଦେବ । କିନ୍ତୁ କୌଣସି ପରିସ୍ଥିତିରେ ମଧ୍ୟ ନିଜ ସ୍ଥାନ ଛାଡ଼ିବ ନାହିଁ ।"

ସାହାବାମାନେ ଉକ୍ତ ଘୋଷଣା ଶୁଣିବା ମାତ୍ରେ ବୈଅତ୍ ନିମନ୍ତେ ଏଭଳି ଧାଇଁଲେ ଯେ, ସେମାନେ ପରସ୍ପର ଉପରେ ପଡୁଥିଲେ । ମୁସଲମାନମାନଙ୍କର ସେହି 1400. 1500 ସଂଖ୍ୟା ମଧ୍ୟର (ଏହା ହିଁ ସେତେବେଳେ ମୁସଲମାନମାନଙ୍କର ସଞ୍ଚିତ ଧନ ଥିଲା ଅର୍ଥାତ୍ ମୁସଲମାନମାନଙ୍କର ସଂଖ୍ୟା) ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରିୟ ମୁନିବ ସ.ଅଙ୍କ ହସ୍ତରେ ଦ୍ୱିତୀୟ ଥର ପାଇଁ ବିକ୍ରି ହୋଇଯାଇଥିଲା । ଯେତେବେଳେ ବୈଅତ୍ ହେଉଥିଲା ସେତେବେଳେ ଆଁହଜରତ ସ.ଅ ନିଜର ବାମ ହସ୍ତ ନିଜର ଦକ୍ଷିଣ ହସ୍ତ ଉପରେ ରଖି କହିଲେ, "ହେ ସାହାବାମାନେ ! ଏହି ବାମ ହସ୍ତ ହେଉଛି ହ. ଉସମାନଙ୍କର । କାରଣ ସେ ଯଦି ଏଠାରେ ଥାଆନ୍ତେ ତେବେ ଉକ୍ତ ପବିତ୍ର ଦୀକ୍ଷା ଗ୍ରହଣ ଅନୁଷ୍ଠାରେ ସେ ସାମିଲ୍ ହୋଇଥାଆନ୍ତେ ଏବଂ ସେ ପଛାଇ ନଥାଆନ୍ତେ । କିନ୍ତୁ ସେ ବର୍ତ୍ତମାନେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ କାର୍ଯ୍ୟରେ ନିମଜ୍ଜିତ ଅଛନ୍ତି ।"

ଏହିପରି ଭାବରେ ଏହି ବଜ୍ର (ବିଜୁଳୀ) ପରି ଦୃଶ୍ୟର ପରିସମାପ୍ତି ଘଟିଲା । ଇସଲାମୀୟ ଇତିହାସରେ ଉକ୍ତ ଦୀକ୍ଷା ଗ୍ରହଣ କୁ ବୈଅତେ ରିଜୱାନ ନାମରେ ଅଭିହିତ କରାଯାଏ । ଅର୍ଥାତ୍ ସେହି ବୈଅତ୍ ଯହିଁରେ ମୁସଲମାନମାନେ ଈଶ୍ୱରଙ୍କର ପୂର୍ଣ୍ଣ ପ୍ରସନ୍ନତା ତଥା ଅନୁଗ୍ରହତାର ପୁରସ୍କାର ପ୍ରାପ୍ତ କଲେ । ପବିତ୍ର କୁରଆନ୍ କରୀମ୍ ମଧ୍ୟ ଉକ୍ତ ବୈଅତ୍ ସଂକ୍ରାନ୍ତରେ ବିଶେଷ ଚର୍ଚ୍ଚା କରି କହେ: لَقَدْ رَضِيَ اللّٰهُ عَنِ الْمُؤْمِنِيْنَ اِذْ يُبَايِعُوْنَكَ تَحْتَ الشَّجَرَةِ فَعَلِمَ مَا فِيْ قُلُوْبِهِمْ فَاَنْزَلَ السَّكِيْنَةَ عَلَيْهِمْ وَاَثَابَهُمْ فَتْحًا قَرِيْبًا **(ଅଲ୍ ଫତହ୍: 19)** ଅର୍ଥାତ୍ ବିଶ୍ୱାସକାରୀମାନଙ୍କ ଉପରେ ସେତେବେଳେ ଅତି ସନ୍ତୁଷ୍ଟ ହୋଇଗଲେ ଯେତେବେଳେ ସେମାନେ ବୃକ୍ଷ ତଳେ ଶପଥପୂର୍ବକ ତୁମ୍ଭର ଆନୁଗତ୍ୟ ସ୍ୱୀକାର କରିଥିଲେ ଏବଂ ସେମାନଙ୍କ ହୃଦୟରେ ଯାହା ବିଶ୍ୱାସ ରହିଥିଲା ତାହାକୁ ଭଲ ଭାବରେ ଜାଣି ପାରିଲେ । ତେଣୁ ଏଥିଯୋଗୁଁ ସେ ସେମାନଙ୍କ ହୃଦୟରେ ଶାନ୍ତି ଅବତୀର୍ଣ୍ଣ କଲେ ଏବଂ ସେମାନଙ୍କୁ ଏକ ଆସନ୍ନ ବିଜୟ ପ୍ରଦାନ କଲେ ।

ସାହାବାମାନେ ମଧ୍ୟ ସର୍ବଦା ଉକ୍ତ ବୈଅତ୍‌କୁ ଅତ୍ୟନ୍ତ ଗର୍ବ ଏବଂ ପ୍ରେମର ସହକାରେ ବର୍ଣ୍ଣନା କରୁଥିଲେ । ସେମାନଙ୍କ ମଧ୍ୟରୁ ଅନେକ ସାହାବାମାନେ ପରବର୍ତ୍ତୀ ପିଢୀଙ୍କୁ ଉକ୍ତ ବିଶ୍ୱାସବର୍ଦ୍ଧକ ବୈଅତ୍ ସଂପର୍କରେ କହୁଥିଲେ ଯେ, ତୁମେମାନେ ତ' ମକ୍କାର ବିଜୟକୁ ବିଜୟ ରୂପେ ଗଣ୍ୟ କରୁଛ, ବୃହତ୍ ବୋଲି ମନେକରୁଛୁ । କିନ୍ତୁ ଆମେମାନେ ବୈଅତେ ରିଜ୍‌ୱାନକୁ ହିଁ ବିଜୟ ବୋଲି ମନେକରୁଛୁ । ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉକ୍ତ ବୈଅତ୍ (ଦୀକ୍ଷା) ନିଜର ନିୟମାବଳୀ ତଥା ସର୍ତ୍ତାବଳୀ ସହିତ ମିଶି ଏହା ମହାନ ବିଜୟ ଥିଲା । ଉକ୍ତ ବିଜୟ କେବଳ ଏଇଥି ପାଇଁ ଉଦ୍ଦିଷ୍ଟ ନଥିଲା ଯେ, ଆଗାମୀ ବିଜୟର ଦ୍ୱାର ଉନ୍ମୁକ୍ତ କରିଦିଆଗଲା । ବରଂ ତହିଁରୁ ଇସ୍‌ଲାମ୍ ଧର୍ମର ସେହି ପ୍ରାଣ ବିସ୍ମୃତକାରୀ ଆତ୍ମା ଯାହା ଆଁହଜରତ୍ ସ.ଅଙ୍କ ଧର୍ମର କେନ୍ଦ୍ର ବିନ୍ଦୁ ଅଟେ ତାହା ଅତ୍ୟନ୍ତ ଭବ୍ୟ ଢଙ୍ଗରେ ପରିପ୍ରକାଶିତ ହେଲା ।

ଇସ୍‌ଲାମ୍ ଧର୍ମର ପ୍ରାଣୋତ୍ସର୍ଗୀ ସାହାବାମାନେ ନିଜର କର୍ମ ମାଧ୍ୟମରେ ଏହା ଦର୍ଶାଇଦେଲେ ଯେ, ସେମାନେ ନିଜର ବାର୍ତ୍ତାବହ, ନିଜ ବାର୍ତ୍ତାବହଙ୍କ ଦ୍ୱାରା ଆଗତ ସତ୍ୟତା ନିମନ୍ତେ ପ୍ରତ୍ୟେକ ଭୂମିରେ ଏବଂ ପ୍ରତ୍ୟେକ ଭୂମିର ପ୍ରତ୍ୟେକ ପାଦରେ ମୃତ୍ୟୁ ଏବଂ ଜୀବନର ସଉଦା ନିମନ୍ତେ ପ୍ରସ୍ତୁତ ଅଟନ୍ତି । ଅତଃ ସାହାବା(ର.ଅ) ମାନେ ବୈଅତେ ରିଜ୍‌ୱାନ୍‌ର ଚର୍ଚ୍ଚା କରି କହୁଥିଲେ ଯେ, ଉକ୍ତ ବୈଅତ୍ ମୃତ୍ୟୁର ଅଙ୍ଗୀକାରମୂଳକ ବୈଅତ୍ ଥିଲା । ଅର୍ଥାତ୍ ସେହି ଅଙ୍ଗୀକାରର ବୈଅତ୍ ଥିଲା ଯେ, ଇସଲାମ୍ ଧର୍ମର ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଇସ୍‌ଲାମ୍ ଧର୍ମ ସକାଶେ ଏବଂ ଇସ୍‌ଲାମ୍ ଧର୍ମର ସମ୍ମାନ ତଥା ଖ୍ୟାତି ସକାଶେ ନିଜର ଜୀବନକୁ ବାଜି ଲଗାଇଦେବ କିନ୍ତୁ ପଛଘୁଞ୍ଚା ଦେବ ନାହିଁ । ସେହିପରି ଉକ୍ତ ବୈଅତ୍‌ର ଏକ ବିଶେଷ ପକ୍ଷ ଏହା ମଧ୍ୟ ରହିଥିଲା ଯେ, ଉକ୍ତ ଶପଥ ଏବଂ ଉକ୍ତ ଅଙ୍ଗୀକାର କେବଳ ସାମୟିକ, ବାଚିକ ଏବଂ ଚୁକ୍ତିଭିତ୍ତିକ ସ୍ୱୀକାରୋକ୍ତି ନଥିଲା ଯାହା ଉତ୍ସାହ ଅବସ୍ଥାରେ କରିଦିଆଗଲା । ବରଂ ଏହା ହୃଦୟର ଅତଳ ଗହ୍ୱରରେ ଥିବା ତରଙ୍ଗର ସ୍ୱର ଥିଲା । ସେହି ସ୍ୱର ପଛରେ ମୁସଲମାନମାନଙ୍କର ସମସ୍ତ ଶକ୍ତି ଗୋଟିଏ କେନ୍ଦ୍ର ବିନ୍ଦୁରେ ଏକତ୍ରିତ ଓ କେନ୍ଦ୍ରୀଭୂତ ଥିଲା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍‌ଜାଦା ମିର୍ଜା ବସୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-760-763)**

ହ. ଉସ୍‌ମାନ୍ ର.ଅଙ୍କ ଶାହାଦତ୍‌ର ସୂଚନା ଏବଂ ବୈଅତେ ରିଜୱାନ୍‌ର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି: ଆପଣ ର.ଅ ନିଜର ଏକ ଭାଷଣରେ କୁହନ୍ତି "ରସୁଲୁଲ୍ଲାଃ ସ.ଅ ଉକ୍ତ କଥାକୁ ଆୟୁଦ୍ଧ କରି ସାହାବାମାନଙ୍କୁ ଏକତ୍ରିତ କଲେ ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କ ଘଟଣା (ଶାହାଦତ୍‌ର) ସୂଚନା ମିଳିଲା ଏବଂ ଆଁହଜରତ ସ.ଅ କହିଲେ, ରାଜଦୂତର ଜୀବନ ପ୍ରତ୍ୟେକ ଜାତିରେ ମୂଲ୍ୟବାନ ଏବଂ ସୁରକ୍ଷିତ ହୋଇଥାଏ । ତୁମେମାନେ ଶୁଣିଅଛ ଯେ, ଉସ୍‌ମାନ୍ ର.ଅଙ୍କୁ ମକ୍କାବାସୀମାନେ ଶହୀଦ୍ କରି ଦେଇଛନ୍ତି । କିନ୍ତୁ ଯଦି ଉକ୍ତ ସୂଚନା ସଠିକ୍ ସାବ୍ୟସ୍ତ ହେଲା ତେବେ ଆମେମାନେ ବଳପୂର୍ବକ ମକ୍କାରେ ପ୍ରବେଶ କରିବୁ (ଅର୍ଥାତ୍ ଆମମାନଙ୍କର ପ୍ରଥମ ଇଚ୍ଛା ତଥା ଉଦ୍ଦେଶ୍ୟ ସନ୍ଧି କରିବା ଥିଲା । ଏବଂ ସନ୍ଧି ସହିତ ମକ୍କାରେ ଆମେମାନେ ପ୍ରବେଶ କରିବୁ । ଯଦି କୁରୈଶମାନେ ବଦଳି ଯିବେ ତେବେ ଆମେମାନେ ଉକ୍ତ ଉଦ୍ଦେଶ୍ୟର ନିୟମାନୁବର୍ତ୍ତୀ ହୋଇ ରହିବୁ ନାହିଁ ।) । ଯେଉଁ ଲୋକମାନେ ଉକ୍ତ ଅଙ୍ଗୀକାର କରିବା ମିମନ୍ତେ ପ୍ରସ୍ତୁତ ଅଟନ୍ତି ଯେ, ଆମମାନଙ୍କୁ ଯଦି ଆଗକୁ ଅଗ୍ରସର ହେବାକୁ ପଡ଼େ ତେବେ ସେପରିପ୍ରେକ୍ଷୀରେ ଆମେମାନେ ବିଜୟୀ ହୋଇ ଫେରିବୁ କିମ୍ବା ଜଣ ଜଣ କରି ଯୁଦ୍ଧଭୂମିରେ ମୃତ୍ୟୁବରଣ କରିବୁ । ତେଣୁ ସେମାନେ ଉକ୍ତ ଶପଥକୁ ଭିତ୍ତି କରି ମୋ ହସ୍ତରେ ବୈଅତ୍ କରନ୍ତୁ ।

ଆପଣ ସ.ଅଙ୍କର ଉକ୍ତ ଘୋଷଣା କରି ନଥିଲେ କି 1500 ପର୍ଯ୍ୟଟକ ଅର୍ଥାତ୍ ତୀର୍ଥଯାତ୍ରୀ ଯେଉଁମାନେ ଆପଣ ସ.ଅଙ୍କ ସହିତ ପରିକ୍ରମା କରିବା ନିମନ୍ତେ ଆସିଥିଲେ ସେହି 1500 ଜଣ ବ୍ୟକ୍ତିମାନେ ହଠାତ୍ ଏକ ସୈନ୍ୟବାହିନୀର ରୂପେ ଧାରଣ କରିନେଲେ । ଉକ୍ତ 1500 ସଂଖ୍ୟକ ସୈନ୍ୟବାହିନୀରେ ପରିବର୍ତ୍ତିତ ହୋଇଗଲା। ସାହାବାମେନେ ପାଗଳଙ୍କ ପରି ପରସ୍ପର ଉପରେ ଲମ୍ଫ ମାରି ଆଁହଜରତ ସ.ଅଙ୍କ ହସ୍ତ ଉପରେ ପରସ୍ପର ମଧ୍ୟରେ ପ୍ରତିଯୋଗୀ ଓ ପ୍ରତିସ୍ପର୍ଦ୍ଧିତ ଭାବରେ ଆଗ (ପ୍ରଥମେ) ବୈଅତ୍ କରିବା ନିମନ୍ତେ ଉଦ୍ୟମ କଲେ । ଉକ୍ତ ବୈଅତ୍ ଇସ୍‌ଲାମୀୟ ଇତିହାସରେ ବିଶେଷ ମହତ୍ତ୍ୱର ଅଧିକାରୀ ଅଟେ । ଯେହେତୁ ଉକ୍ତ ବୈଅତ୍‌ଟି ଏକ ବୃକ୍ଷ ତଳେ ହୋଇଥିବାରୁ ଉକ୍ତ ବୈଅତ୍‌କୁ ବୃକ୍ଷର ବୈଅତ୍ (ଦୀକ୍ଷା) ରୂପେ ଅଭିହିତ ଅଟେ । କାରଣ ଯେତେବେଳେ ବୈଅତ୍ ନିଆଗଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ଏକ ବୃକ୍ଷ ତଳେ ବସିଥିଲେ ।" **(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଭାଗ-20, ପୃ-307-308)**

ହୁଜୁରେ ଅନ୍‌ୱର୍ ଅ.ବ କହିଲେ, ସୁଲାହ୍ ହୁଦୈବିୟାହ୍ ସଂପର୍କରେ ଅବଶିଷ୍ଟ ଘଟଣାବଳୀ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ଏହା ମଧ୍ୟ କହି ଦେବାକୁ ଚାହୁଁଛି ଯେ, ଯେପରିକି ସମସ୍ତେ ଜାଣନ୍ତି ଯେ, ଇଉରୋପରେ ମଧ୍ୟ ପରିସ୍ଥିତି ଅତ୍ୟନ୍ତ ଦ୍ରୁତ ଗତିରେ ଯୁଦ୍ଧ ମୁହାଁ ହେଉଛି । ଇଉରୋପରେ ୟୁକ୍ରେନ୍ ଏବଂ ଋଷ୍‌ର ଯୁଦ୍ଧ ବ୍ୟାପୀବାର ଆଶଙ୍କା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଇଉରୋପର ଅନ୍ୟ ରାଷ୍ଟ୍ରମାନଙ୍କୁ ମଧ୍ୟ ଧମକ ମିଳୁଅଛି । ଅନେକ ଲୋକମାନେ ଯେଉଁମାନେ ବୁଦ୍ଧି ଏବଂ ବିବେକ ସମ୍ପନ୍ନ (ଧୀସମ୍ପନ୍ନ ବ୍ୟକ୍ତି) ଅଟନ୍ତି ଏବଂ ଶାନ୍ତିପ୍ରିୟ ଲୋକ ଅଟନ୍ତି ଏବଂ ନେତା ଅଟନ୍ତି ସେମାନେ ଏଥି ନିମନ୍ତେ ଚିନ୍ତିତ ମଧ୍ୟ ଅଟନ୍ତି ।

ହୁଜୁର ଅନୱର ଅ.ବ କହିଲେ, ସେ ଯାହା ହେଉ ଆପଣମାନେ ସମସ୍ତେ ଦୁଆ କରନ୍ତୁ କି ଅଲ୍ଲାଃତାଲା ଅହେମଦିମାନଙ୍କୁ ଏବଂ ଶାନ୍ତିପ୍ରିୟ ଲୋକମାନଙ୍କୁ ଯୁଦ୍ଧର କୁପରିଣାମରୁ ସୁରକ୍ଷିତ ରଖନ୍ତୁ । ଏହି ଲୋକମାନେ ଯୁଦ୍ଧରେ ଏପରି ଅସ୍ତ୍ରଶସ୍ତ୍ର ବ୍ୟବହାର ନକରନ୍ତୁ ଯେଉଁ ଅସ୍ତ୍ର ବ୍ୟବହାର କରିବା ଫଳରେ ଆଗାମୀ ବଂଶଧରମାନେ ମଧ୍ୟ ପ୍ରଭାବିତ ହେବେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁସଲମାନ ରାଷ୍ଟ୍ର ନିମନ୍ତ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସଦ୍‌ବୁଦ୍ଧି ଓ ହିତାହିତ ଜ୍ଞାନ ପ୍ରଦାନ କରନ୍ତୁ । ସେମାନେ ସତ୍ୟକୁ ଚିହ୍ନଟକାରୀ ବ୍ୟକ୍ତି ରୂପେ ପରିଗଣିତ ହୁଅନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ସତ୍ୟକୁ ଚିହ୍ନିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ କଥା ଯାହା ସଂପର୍କରେ ମୁଁ ଆପଣମାନଙ୍କୁ ଧ୍ୟାନ ଦେବା କହୁଛି ସେହି କଥା ଏହିକି ଯେ, ପରିସ୍ଥିତି ଯେଭଳି ଭାବରେ ଦ୍ରୁତ ଗତିରେ ବିଗିଡ଼ିଛି ଓ ବିଗିଡ଼ି ଚାଲିଛି । ଏହିସବୁ ପରିସ୍ଥିତି ଯୋଗୁଁ ଲୋକମାନଙ୍କ ମନରେ ପୂର୍ବରୁ ହିଁ ଧ୍ୟାନ ରହିଛି । କିନ୍ତୁ ଅତିରିକ୍ତ ଭାବରେ ମୁଁ ପୁନଃ ଲୋକମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁଛି ଯେ, ଆପଣମାନେ ନିଜ ଘରେ ତିନି ମାସ ପାଇଁ ରାଶନ ରଖିବା ନିମନ୍ତେ ଉଦ୍ୟମ କରନ୍ତୁ । କାରଣ ସବୁଠୁ ପ୍ରମୁଖ ବିନ୍ଦୁ ହେଉଛି ଏହି ପ୍ରସଙ୍ଗ। ଅର୍ଥାତ୍ ଆପଣମାନେ ଅଲ୍ଲାଃତାଲାଙ୍କର ସାମୀପ୍ୟତ ଏବଂ ସାନ୍ନିଧ୍ୟ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ସେହିପରି ହୁଜୁରେ ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ତାହାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କରନ୍ତୁ । ଉକ୍ତ ସଂପର୍କକୁ ବୃଦ୍ଧି କରିବା ନିମନ୍ତେ ମଧ୍ୟ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan